

# ଜଗନ୍ନାଥ ଏକ୍ସପ୍ରେସ୍




JAGANNATH EXPRESS

RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୯୮ ଭୁବନେଶ୍ୱର ରବିବାର, ଡ଼ିସେମ୍ବର ୧୫.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-

Vol.11 . No.98 Bhubaneswar, Sunday, December 15, 2024


## ୨୦୨୫ରୁ ଚାଷୀଙ୍କ ପାଇଁ ବିନା ଗ୍ୟାରେଣ୍ଟି ଋଣ



ନୂଆଦିଲ୍ଲୀ,୧୪/୧୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶର ଚାଷୀଙ୍କୁ ନୂଆ ବର୍ଷରେ ଉପହାର ଦେବାକୁ ଯାଉଛନ୍ତି । ଏବେ ଚାଷୀ ବିନା ଗ୍ୟାରେଣ୍ଟିରେ ଅଧିକ ଟଙ୍କା ଋଣ ନେଇ ପାରିବେ। ଆରବିଆଇ ୧ ଜାନୁଆରୀ ୨୦୨୫ରୁ ଚାଷୀଙ୍କ ଲାଗି ବିନା ଗ୍ୟାରେଣ୍ଟି ଋଣ ୧.୬ଲକ୍ଷ ଟଙ୍କାରୁ ବଢାଇ ୨ଲକ୍ଷ ଟଙ୍କା କରିଦେଇଛନ୍ତି। କୃଷି କାର୍ଯ୍ୟ ନିମନ୍ତେ ବଢୁଥିବା ବ୍ୟୟକୁ ନଜରରେ ରଖି କ୍ଷୁଦ୍ର ଓ ସୀମାନ୍ତ ଚାଷୀଙ୍କ ସହାୟତା ନିମନ୍ତେ ଆରବିଆଇ ଏହି ପଦକ୍ଷେପ ନେଇଛନ୍ତି। ସାରା ଦେଶରେ ବ୍ୟାଙ୍କମାନଙ୍କୁ ପ୍ରତ୍ୟେକ ଋଣୀଙ୍କ ନିମନ୍ତେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଓ ସମ୍ପର୍କିତ ଗତିବିଧି ଋଣ ଗ୍ୟାରେଣ୍ଟି ଓ ମାର୍ଜିନ ଆବଶ୍ୟକତା କ୍ଷମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର କୃଷି ମନ୍ତ୍ରାଳୟଙ୍କ ଅନୁସାରେ ଏହା ଫସଲ ପାଇଁ ବଢୁଥିବା ବ୍ୟୟ ଓ ଚାଷୀଙ୍କ ନିମନ୍ତେ ଋଣ ପହଞ୍ଚ ସୁଗମ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ବୟାନରେ କୁହାଯାଇଛି ଯେ ଏହି ଉପାୟ ଯୋଗୁ ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବେଶ୍ ଲାଭ ମିଳିବ। ବ୍ୟାଙ୍କମାନଙ୍କୁ ଗାଇଡଲାଇନ ଲାଗୁ କରିବାକୁ ଓ ନୂଆ ଋଣ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପଦକ୍ଷେପ ଯୋଗୁ କିଷାନ କ୍ରେଡିଟ କାର୍ଡ (କେସିସି) ଋଣ ମଧ୍ୟ ମିଳିବା ସହଜ ହୋଇଯିବ। ଏହି ଯୋଜନାରେ ସରକାର ବାର୍ଷିକ ୪ ପ୍ରତିଶତ ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଉଛନ୍ତି। ଆରବିଆଇଙ୍କ ଏହି ନିଷ୍ପତ୍ତି ପରେ ଏବେ ବିନା କୌଣସି ଗ୍ୟାରେଣ୍ଟି ଅଥବା ବନ୍ଧକର ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ପାରିବେ। ଋଣର ଏହି ବର୍ଦ୍ଧିତ ରାଶି ୧ ଜାନୁଆରୀ ୨୦୨୫ରୁ ଲାଗୁ ହେବ। ଫଳରେ ଏବେ ଚାଷୀ ତାଙ୍କ ଫସଲ ବାବଦ ବ୍ୟୟ ସହଜରେ ପୁରଣ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀ ପରିବାରଙ୍କୁ ପ୍ରତି ବର୍ଷ ୬ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି।

# ମୋଦୀ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ,୧୪/୧୨: ୧୯୭୫ରେ ଜରୁରିକାଳୀନ ପରିସ୍ଥିତି ଲାଗୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସକୁ ସମାଲୋଚନା କରିଛନ୍ତି। ୨୫ ବର୍ଷ ପୂରିବା ବେଳେ ସମ୍ବିଧାନକୁ ଭାଙ୍ଗି ଦିଆଯାଇଥିଲା। ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ସମସ୍ତ ସାମ୍ବିଧାନିକ ଅଧିକାର ଛଡ଼ାଇ ନିଆଯାଇଥିଲା ଏବଂ ଦେଶକୁ ଜେଲରେ ପରିଣତ କରାଯାଇଥିଲା ବୋଲି ମୋଦୀ ଲୋକସଭାରେ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଉପରେ ଦୁଇଦିନିଆ ବିତର୍କରେ ଭାଗ ନେଇ କହିଛନ୍ତି।ଦେଶରେ ଜରୁରିକାଳୀନ ସ୍ଥିତି ଲାଗୁ କରି ନାଗରିକଙ୍କ ସମସ୍ତ ଅଧିକାର ଛଡ଼ାଇ ନିଆଯାଇଥିଲା ଏବଂ ଗଣମାଧ୍ୟମ ଉପରେ କଟକଣା ଲଗାଯାଇଥିଲା। ଏହି ଦାଗକୁ କଂଗ୍ରେସ କେବେ ବି ଲିଭାଇପାରିବ ନାହିଁ। ଗାନ୍ଧୀ ପରିବାରକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେମାନେ ସମ୍ବିଧାନକୁ ଆଘାତ ଦେବାରେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି। ଗୋଟିଏ କଂଗ୍ରେସ ପରିବାର ନିରବଚ୍ଛିନ୍ନ ଭାବେ ଭୁଲ୍ ଚିନ୍ତାଧାରା, ଭୁଲ୍ କାର୍ଯ୍ୟ ଓ ଭୁଲ୍ ନୀତି ଆପଣାଇଛି। ଗାନ୍ଧୀ ପରିବାରର ପ୍ରତ୍ୟେକ ପିଢ଼ି ସମ୍ବିଧାନକୁ ଆକ୍ରମଣ କରିଛନ୍ତି। ସମ୍ବିଧାନ ପରିବର୍ତ୍ତନର ମଞ୍ଜି ଜବାହରଲାଲ ନେହରୁ ବୁଣିଥିଲେ। ଇନ୍ଦିରା ଗାନ୍ଧୀ ତାହାକୁ ଅନୁସରଣ କରିଥିଲେ। ଇନ୍ଦିରା ନ୍ୟାୟପାଳିକାର ଡେଣା କାଟି ଦେଇଥିଲେ। ଏପରିକି ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ସମ୍ବିଧାନ ଉପରେ ଆକ୍ରମଣ ଅବ୍ୟାହତ ରଖିଥିଲେ। ଶାହା ବାନୋ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅକାମୀ କରିବା ପାଇଁ ସମ୍ବିଧାନ ଉପରେ ଆକ୍ରମଣ କରିଥିଲେ। ଉପା ସରକାର ଅମଳରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ ଜାତୀୟ ଉପଦେଷ୍ଟା ପରିଷଦକୁ ପ୍ରଧାନମନ୍ତ୍ରୀଙ୍କ ଉପରେ ରଖାଯାଇଥିଲା। ପୂର୍ବତନ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀ ଏହାର ଅଧ୍ୟକ୍ଷ ଥିବାରୁ ପ୍ରଧାନମନ୍ତ୍ରୀଙ୍କ ଉପରେ ଏହି ଅଣସାମ୍ବିଧାନିକ ସଂସ୍ଥାକୁ ଲଦି ଦିଆଯାଇଥିଲା। ରାହୁଲ ଗାନ୍ଧୀଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଥିଲେ ଜଣେ ଉଦ୍ଧତ ନେତା କ୍ୟାବିନେଟ୍ ନିଷ୍ପତ୍ତିକୁ ଚିରି ଦେଇଥିଲେ। କଂଗ୍ରେସ ଶାସନର ୬୦ ବର୍ଷରେ ସମ୍ବିଧାନକୁ ୭୫ ଥର ବଦଳାଯାଇଛି ବୋଲି ମୋଦୀ କହିଛନ୍ତି। ମୋଦୀ କହିଥିଲେ, ଭାରତର ଗଣତନ୍ତ୍ର, ଗଣତାନ୍ତ୍ରିକ ଅତୀତ ଅତ୍ୟନ୍ତ ସମୃଦ୍ଧ। ସେଥିପାଇଁ



ଆଜି ଭାରତ ଗଣତନ୍ତ୍ରର ଜନନୀ ଭାବରେ ପରିଚିତ। ଆମେ କେବଳ ଏକ ବୃହତ୍ ଗଣତନ୍ତ୍ର ନୁହେଁ ବରଂ ଗଣତନ୍ତ୍ରର ମା' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ସମ୍ବିଧାନ ନିର୍ମାତାଙ୍କୁ ପ୍ରଶଂସା କରି କହିଛନ୍ତି ଯେ ସେମାନେ ଦେଶର ମହାନ ପରମ୍ପରା, ସଂସ୍କୃତି ଓ ମହାନ ଐତିହ୍ୟରେ ବିଶ୍ୱାସ କରୁଥିଲେ। ସମ୍ବିଧାନ ଦ୍ୱାରା ମହିଳାମାନଙ୍କୁ ମତଦାନ ଅଧିକାର ଦିଆଯାଇଛି ବୋଲି ମୋଦୀ ଉଲ୍ଲେଖ କରି କହିଛନ୍ତି ଯେ ଦେଶ ଏବେ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଦେଖୁଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ୧୧ଟି ସଂକଳ୍ପର ଅବତାରଣା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଉଭୟ ସରକାର ଏବଂ ନାଗରିକ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିବା, ସବୁ ଅଞ୍ଚଳ ଏବଂ ସବୁ ସମାଜର ବିକାଶକୁ ଅଗ୍ରାଧିକାର ଦେବା (ସବ୍‌କା ସାଥ୍ ସବ୍‌କା ବିକାଶ, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା) ଆଦି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ସମ୍ବିଧାନ ବିତର୍କ ସମୟରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ବିଜେପି 'ମନୁସ୍ମୃତିକୁ ସମ୍ବିଧାନ କରିବା ଉପରେ' ବିଚାର କରୁଛି ବୋଲି ଅଭିଯୋଗ କରିଛନ୍ତି। ସେ ଏକଲବ୍ୟ ଘଟଣା ଏବଂ ନରେନ୍ଦ୍ର ମୋଦୀ ସରକାରଙ୍କ ଶାସନ ମଧ୍ୟରେ ସମାନ୍ତରାଳ ଚିତ୍ର ଆଙ୍କିଥିଲେ ଏବଂ ଦାବି କରିଥିଲେ ଯେ କେନ୍ଦ୍ର 'ଦେଶର ଯୁବବର୍ଗଙ୍କ ଆଙ୍ଗୁଠି କାଟି ଦେଉଛି'। ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଉପରେ ବିତର୍କ ସମୟରେ ଗୃହକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ମହାଭାରତର ଏକ ଉଦାହରଣ ଦେଇ କହିଛନ୍ତି ଯେ ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କ ଆଙ୍ଗୁଠିକୁ ଗୁରୁଦକ୍ଷିଣା ଭାବେ ମାଗିଥିଲେ। ସେଠାରେ ଜଣେ ବାଳକ (ଏକଲବ୍ୟ) ତପସ୍ୟା କରିଥିଲେ, ସକାଳୁ ଧନୁ-ତୀର ଧରି ଉଠିଥିଲେ। 'ତପସ୍ୟା ମତଲବ ଶରୀର ମେଁ ଗର୍ମି ପୌଦା କରନା' (ତପସ୍ୟା ଅର୍ଥ ଶରୀରରେ ଉତ୍ତାପ ସୃଷ୍ଟି କରିବା) ବୋଲି ସେ କହିଥିଲେ, ଯାହାକୁ ନେଇ ଗୃହରେ ହାସ୍ୟରୋଳ ଉଠିଥିଲା। ରାହୁଲ କହିଥିଲେ, ଯେମିତି ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କ ଆଙ୍ଗୁଠି କାଟିଥିଲେ, ଆପଣ (ସରକାର) ସେମିତି ଦେଶର ଯୁବବର୍ଗଙ୍କ ଆଙ୍ଗୁଠି କାଟିଛନ୍ତି। ଏହି ମନ୍ତବ୍ୟକୁ ଶାସକ ଦଳ ତୀବ୍ର ସମାଲୋଚନା କରିବା ସହ ରାହୁଲ ଭୁଲ ତଥ୍ୟ ଉପସ୍ଥାପନ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଗୃହରେ ବୀର ସାବରକରଙ୍କ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଦାବି କରିଛି ଯେ ସ୍ୱାଧୀନତା ସଂଗ୍ରାମୀ କହିଥିଲେ ଭାରତର ସମ୍ବିଧାନରେ ଭାରତୀୟ ବୋଲି କିଛି ନାହିଁ। ମନୁସ୍ମୃତି ହେଉଛି ସେହି ଶାସ୍ତ୍ର ଯାହା ଆମ ହିନ୍ଦୁ ରାଷ୍ଟ୍ର ପାଇଁ ବେଦ ପରେ ସବୁଠାରୁ ଅଧିକ ପୂଜାଯୋଗ୍ୟ ଗ୍ରନ୍ଥ ଯାହା ଆମର ପ୍ରାଚୀନ ସଂସ୍କୃତି, ରୀତିନୀତି, ଚିନ୍ତାଧାରା ଓ ଅଭ୍ୟାସର ଆଧାର ପାଲଟିଛି। ଶତାବ୍ଦୀ ଧରି ଏହି ପୁସ୍ତକ ଆମ ଦେଶର ଆଧ୍ୟାତ୍ମିକ ଯାତ୍ରାକୁ ନିୟନ୍ତ୍ରିତ କରିଛି। ଆଜି ମନୁସ୍ମୃତି ହିଁ ଆଇନ। ଏହା ହେଉଛି ସାବରକରଙ୍କ ଶବ୍ଦ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ସାବରକରଙ୍କ ବୟାନ ସହ ଦଳୀୟ ନେତାମାନେ ସହମତ କି ବୋଲି ସେ ବିଜେପିକୁ ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ପରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଏକ୍ସରେ ଇନ୍ଦିରା ଗାନ୍ଧୀଙ୍କ ସାବରକରଙ୍କ ବିଷୟରେ ଲେଖିଥିବା ଚିଠିକୁ ସେୟାର କରିଛନ୍ତି, ଯେଉଁ ଚିଠିରେ ଇନ୍ଦିରାଜୀ ସାବରକରଙ୍କୁ ଭାରତର ଯୋଗ୍ୟ ବୀର ସନ୍ତାନ ବୋଲି ଉଲ୍ଲେଖ କରିବା ସହ ତାଙ୍କର ଜନ୍ମଶତାବ୍ଦୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ରାହୁଲ ଗାନ୍ଧୀ ପୁଣି ଥରେ ନିମ୍ନ ସଦନରେ ଆଦାନୀଙ୍କୁ ଟାର୍ଗେଟ କରି କହିଥିଲେ ଯେ ସରକାର ଶିଳ୍ପପତିଙ୍କୁ ବିଭିନ୍ନ କ୍ଷେତ୍ର ହସ୍ତାନ୍ତର କରି ଯୁବକମାନଙ୍କ ଆଙ୍ଗୁଠି କାଟି ଦେଉଛନ୍ତି। ଆଦାନୀଙ୍କୁ ଧରାବି ହସ୍ତାନ୍ତର କରି ଆପଣ ଉଦ୍ୟୋଗୀ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ଆଙ୍ଗୁଠି କାଟି ଦେଇଥିଲେ। ଯେତେବେଳେ ଆପଣ ଭାରତର ବନ୍ଦର, ବିମାନବନ୍ଦର ଓ ପ୍ରତିରକ୍ଷା ଉଦ୍ୟୋଗକୁ ଆଦାନୀକୁ ହସ୍ତାନ୍ତର କରନ୍ତି, ସେତେବେଳେ ଆପଣ ସଚ୍ଚୋଟତାର ସହ କାର୍ଯ୍ୟ କରୁଥିବା ଭାରତର ସମସ୍ତ ଫେୟାର ପ୍ଲେ ବ୍ୟବସାୟର ଆଙ୍ଗୁଠି କାଟି ଦିଅନ୍ତି ବୋଲି ରାହୁଲ କହିଛନ୍ତି।

## ଭାରତରେ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି

ନୂଆଦିଲ୍ଲୀ, ୧୪/୧୨: ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି । ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ ବୋଲି ଶନିବାର "ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ - ୨୦୨୪"ର ଉଦଘାଟନୀ ଅଧିବେଶନରେବିଦ୍ୟାଳୟରଶିକ୍ଷାବିତ୍ ସମୂହ ଓ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ଆମକୁ ସରକାରୀ ବିଦ୍ୟାଳୟଗୁଡ଼ିକରେଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢାଇବା ପାଇଁ ପଡିବ । ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ । ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ୍ ଭଳି ଏକ ଫୋରମ୍ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ । ଏଥିସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ସ୍କୁଲର ବଳିଷ୍ଠ ଉଦ୍ୟମକୁ ବଢ଼ାଇବାରେ ଆରାଇଜ୍ ଏକ ଉତ୍ପ୍ରେରକ ହୋଇପାରିବ। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ । ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି। ଆମ ପିଲାମାନଙ୍କ ମଧ୍ୟରେ ଟେକ୍ନୋଲୋଜି, ଇନୋଭେସନ, ଏଆଇ ଓ ଏମଏଲ ଭଳି ବିଷୟରେ ଉତ୍ସୁକତା ଓ ଆଗ୍ରହ ରହିବା ଦରକାର । ଚାକିରି ଖୋଜିବା ସହ ସେମାନଙ୍କ ମଧ୍ୟରେ ଚାକିରିଦାତା ହେବାର ଇଚ୍ଛା ବଢିବା ଦରକାର । ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍କୁଲ ଶିକ୍ଷାବିତଙ୍କ ଏକ ବଡ଼ ଦାୟିତ୍ୱ ରହିଛି । ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ ।ଶିକ୍ଷାକୁ ସୁଲଭ କରିବା ସହଦେଶର କୋଣ ଅନୁକୋଣରୁ ଡମି ସ୍କୁଲବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଆମ ସମସ୍ତଙ୍କୁ ଏଥିରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ସହ ଏହାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ଉପରେ ଯୋର୍ ଦେବାକୁ ହେବ ବୋଲି ସେ କହିଛନ୍ତି ।

## ଭୁବନେଶ୍ୱରରେ କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ

ଭୁବନେଶ୍ୱର, ୧୪/୧୨: ଅନ୍ୟ ଏକ ବୈଷୟିକ ସଫଳତାରେ, ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ ) ଗତକାଲି ଦିନ ଓଡିଶା ଉପକୂଳର ଏକ ପ୍ରତିରକ୍ଷା ସୁବିଧାରୁ କଠିନ ଇନ୍ଧନ ଦ୍ୱାରା ନିର୍ମିତ ରାମଜେଟ୍ (ଏସଏଫଡିଆର) ପ୍ରବୃତ୍ତି ଭିତ୍ତିକ କ୍ଷେପଣାସ୍ତ୍ରର ଅନ୍ତିମ ରାଉଣ୍ଡ ପରୀକ୍ଷା ସଫଳତାର ସହ କରିଥିଲା। ଇଣ୍ଟିଗ୍ରେଟେଡ୍ ଟେଷ୍ଟ ପରିସର (ଆଇଟିଆର ) ର ଲଞ୍ଚ କମ୍ପ୍ଲେକ୍ସ - ୩ ରେ ଏକ ଷ୍ଟାଟିକ୍ ଲଞ୍ଚରରୁ ସ୍ୱଦେଶୀ ବିକଶିତ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା । ଏକ ମାସ ମଧ୍ୟରେ ସ୍ୱଦେଶୀ ଟେକ୍ନୋଲୋଜି ସହିତ ତିନୋଟି ଭିନ୍ନ ଶ୍ରେଣୀର କ୍ଷେପଣାସ୍ତ୍ର ସହିତ ଏହା ତୃତୀୟ ସଫଳ ମିଶନ ଥିଲା । ପ୍ରତିରକ୍ଷା ସୂତ୍ରରୁ ଜଣାପଡିଛି ଯେ ଏସଏଫଡିଆର ଦ୍ୱାରା ଚାଳିତ ଏହି କ୍ଷେପଣାସ୍ତ୍ର ଉନ୍ନତ ପ୍ରବୃତ୍ତି ପ୍ରଣାଳୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନକୁ ବୈଧ କରି ସମସ୍ତ ମିଶନ ଉଦ୍ଦେଶ୍ୟ ପୂରଣ କରିଛି।

## ପ୍ରବଳ ଜାଡରେ ଥରୁଛି ଓଡ଼ିଶା

ଭୁବନେଶ୍ୱର,୧୪/୧୨: ପ୍ରବଳ ଜାଡରେ ଥରୁଛି ଓଡ଼ିଶା। ଉପାନ୍ତରୁ ଉପକୂଳ ସବୁଠି ତଳମୁହାଁ ପାରଦ। ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଲା ତାପମାତ୍ରା। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଶୀତଳହରୀ ନେଇ ୟେଲୋ ଆଲର୍ଟ ଜାରି କଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୁନ୍ଦରଗଡ ଏବଂ ଝାରସୁଗୁଡାକୁ ସତର୍କତା ଜାରି। ୧୪ ଏବଂ ୧୫ ତାରିଖ ପାଇଁ ସତର୍କତା ଜାରି କରାଯାଇଛି। ଗତ ଦୁଇ ଦିନ ହେବ ରାଜ୍ୟରେ ତାପମାତ୍ରା କମିବା ସହ ଜାଡ ବଢ଼ିଛି। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ୫ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ପ୍ରବଳ ଜାଡ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଶେଷ କରି ଅଧିକାଂଶ ସହରର ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିବ। ପ୍ରବଳ ଜାଡ ସହ ଘନ କୁହୁଡି ନେଇ ମଧ୍ୟ ସତର୍କତା ଜାରି କରାଯାଇଛି। ସୁନ୍ଦରଗଡ, କନ୍ଧମାଳ ଏବଂ କୋରାପୁଟରେ ୧୦୦ ମିଟରରୁ କମ୍ ଦୃଶ୍ୟମାନ ଦୂରତା ରହିବ ବୋଲି



ଆକଳନ କରାଯାଇଛି। ତେବେ ଆସନ୍ତା ୧୭ ତାରିଖରୁ ରାଜ୍ୟରେ ପୁଣି ହେବ କୋହଲା ପାଗ। ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ନେଇ ସତର୍କତା ଜାରି କରାଯାଇଛି। ୧୭ ରେ ପୁରୀ, ଗଞ୍ଜାମ, ଗଜପତି, ରାୟଗଡାରେ ହାଲୁକା ବର୍ଷା ସମ୍ଭାବନା ରହିଛି। ସେହିଭଳି ୧୮ ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଏବଂ ମାଲକାନଗିରିରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ୧୯ ରେ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ରାୟଗଡା, ଗଜପତି, କୋରାପୁଟ ଏବଂ ମାଲକାନଗିରିରେ ହାଲୁକା ବର୍ଷା ହେବ। ବର୍ଷା ପ୍ରଭାବରେ ରାଜ୍ୟରେ ପୁଣି ଉପରମୁହାଁ ହେବ ପାଦର। ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୦ ତାରିଖରୁ ରାଜ୍ୟରେ ଶୁଖିଲା ପାଗ ଜାରି ରହିବ। ସେପଟେ ଗତ ୨୪ ଘଣ୍ଟାରେ ପାହାଡିଆ ଅଞ୍ଚଳ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୨ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମତଳ ଅଞ୍ଚଳ ଭାବରେ ରାଉରକେଲାରେ ୭.୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କଟକରେ ୧୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୧୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ମାଲକାନଗିରିରେ ପ୍ରତିଷ୍ଠା ହେବ ସିମେଣ୍ଟ କାରଖାନା

ମାଲକାନଗିରି,୧୪/୧୨: ମାଲକାନଗିରି ଜିଲ୍ଲାରେ ସିମେଣ୍ଟ କାରଖାନା ପାଇଁ ୪ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ପ୍ରାୟ ୨ହଜାର ନୂଆ ନିଯୁକ୍ତି ସୃଷ୍ଟି ହେବ। ସେହିପରି ରେଳପଥରେ ଏହି ଜିଲ୍ଲାକୁ ସଂଯୋଗ କରାଯିବ। ଏଥିପାଇଁ ଜୟପୁର-ମାଲକାନଗିରି ଏବଂ ମାଲକାନଗିରି-



### ୪ହଜାର କୋଟି ନିବେଶ, ୨ ହଜାର ନିଯୁକ୍ତି

ପାଣ୍ଡାରଙ୍ଗାପୁରମ୍ ଭାୟା-ଭଦ୍ରାଚଲମ୍ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପ ଭିତ୍ତିଭୂମିର ବିକାଶ ହେଲେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ମାଲକାନଗିରି ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଚାଲିଥିବା ଉନ୍ନୟନ କାମର ସ୍ଥିତି ସଂପର୍କରେ ପଚାରିଥିଲେ। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ଇଂ. ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରୂପା ରୋଶନ ସାହୁ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ବନଖଣ୍ଡ ଅଧିକାରୀ ପ୍ରତାପ କଟ୍ଟାପଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ରେଳପଥ, ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ସମେତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କରିବା ସହିତ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜୀବିକା ମିସନ୍ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ଆଲୋଚନା କରିଥିଲେ। ଏଥିପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କୁ ପ୍ରତ୍ୟେକ ୧୫ଦିନରେ ଥରେ ସମୀକ୍ଷା କରିବାକୁ କହିଥିଲେ। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅଗ୍ରସର ହେବାକୁ ହେଲେ ଗମନାଗମନ ଭିତ୍ତିଭୂମି ଅପରିହାର୍ଯ୍ୟ। ତେଣୁ ରାଜ୍ୟ ସରକାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମୋଟୁ-ଚିରିଂ ରାସ୍ତାର ପରିକଳ୍ପନା କରିଛନ୍ତି। ଚିତ୍ରକୋଣ୍ଡା ବ୍ଲକ୍‌ରେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଯୋଗାଯୋଗର ସୁବିଧା ହୋଇପାରିଛି। ଏହି ଅଞ୍ଚଳରେ ଆହୁରି ଅନେକ ପୋଲ ନିର୍ମାଣ କରି ଯାତାୟାତ ବ୍ୟବସ୍ଥାରେ ସୁଧାର ଅଣାଯିବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରାଯାଉଛି। ଆଦିମ ଜନଜାତି ବଣ୍ଡା ଓ ଦିଦାୟୀ ଯେପରି ବଞ୍ଚିତ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସଂପୃକ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାର ମୂଳଦୁଆ ସୁଦୃଢ଼ କରିବା ପାଇଁ ପ୍ରତ୍ୟକ ବିଦ୍ୟାଳୟରେ ଅତି କମରେ ଦୁଇ ଜଣ ଲେଖାଏଁ ଶିକ୍ଷକ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ତିନି ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ସୂଚନା ଦେଇଥିଲେ। ପାଙ୍ଗାମ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୦, ଏମ୍‌ଭି-୯୬ରେ ୫ଟି ହାଇଲେଭଲ୍ ପୋଲ ନିମନ୍ତେ କେନ୍ଦ୍ର ସରକାର ୧୯. ୭୮ କୋଟି ମଞ୍ଜୁର କରିଛନ୍ତି। ଅଁଳାଯୋଡ଼ି, ତମସା, ଏମ୍‌ଭି-୧୯ ଓ ମହାରାଜପଲ୍ଲୀଠାରେ ୪ଟି ହାଇଲେଭଲ୍ ବ୍ରିଜ୍ ନିମନ୍ତେ କେନ୍ଦ୍ର ସରକାର ୧୨.୬୨ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ଦେଇଥିଲେ।

## ଆରଆଇଡିଏଫ ଖର୍ଚ୍ଚର ସମୀକ୍ଷା

ଭୁବନେଶ୍ୱର, ୧୪/୧୨: ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ) ଉଚ୍ଚ କ୍ଷମତାସମ୍ପନ୍ନ ରାଜ୍ୟସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ଗତକାଲି ଶୁକ୍ରବାର ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଆରଆଇଡିଏଫପାଣ୍ଠି ସହାୟତାରେ ଜଳସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ଏବଂ ସଂପୃକ୍ତ ବିଭାଗ ଅଧିନସ୍ଥ କାର୍ଯ୍ୟକାରୀ ସଂସ୍ଥା, ନିଗମ ଆଦି ଜରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଚଳିତ ଡିସେମ୍ବର ମାସ ୧୨ ତାରିଖ ସୁଦ୍ଧା ଏ ବାବଦରେ ରାଜ୍ୟବଜେଟରେ ରହିଥିବା ପ୍ରାବଧାନ ମୁତାବକ ବିଭିନ୍ନ ପ୍ରକଳ୍ପ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା କ୍ଷବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ଆରଆଇଡିଏଫଉପଯୋଗରେ ସଂପୂର୍ଣ୍ଣ କରାଯାଇ ସଫଳତା ହାସଲ କରାଯାଇଥିବା ପ୍ରକଳ୍ପଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇଥିଲା । ଉଚ୍ଚ କ୍ଷମତା ସଂପନ୍ନ କମିଟିର ଅନୁମୋଦନ କ୍ରମେ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ମଂଜୁରୀଲାଭ କରିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସ୍ଥିତି ସଂପର୍କରେ ଅନୁଧ୍ୟାନ କରାଯାଇଥିଲା । ବୈଠକରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ନାବାର୍ଡ ତରଫରୁ କରାଯାଇଥିବା କ୍ଷେତ୍ର ପରିଦର୍ଶନ ବିବରଣୀ ସହ ଆବଶ୍ୟକ ପରାମର୍ଶ ଦିଆଯାଇଛି ।ବିଭିନ୍ନ ନୂଆ ପ୍ରକଳ୍ପ ବାବଦରେ ଓଡ଼ିଶାକୁ ଅଧିକ ପାଣ୍ଠି ପ୍ରଦାନ ପାଇଁ ନାବାର୍ଡ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଅଣୁ ଜଳସେଚନ ପାଣ୍ଠି( ମାଇକ୍ରୋ ଇରିଗେସନ ଫଣ୍ଡ) ଅଧିନରେ ମଞ୍ଜୁର ହେବାକୁ ଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟକୁ ଦିଆଯାଇଥିବା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ପାଇଁ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ଆରଆଇଡିଏଫରୁ ସଂପୂର୍ଣ୍ଣ ହୋଇଥିବା କେତେକ ପ୍ରକଳ୍ପରେ ଅଣୁ ଜଳସେଚନର ଆବଶ୍ୟକତା ଦୃଷ୍ଟିରୁ ଜଳ ସଂପଦ ବିଭାଗ, ଓଡ଼ିଶା ଉଠା ଜଳ ସେଚନ ପ୍ରକଳ୍ପ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ମାଇକ୍ରୋ ଇରିଗେସନ ଫଣ୍ଡରୁ ସହାୟତା ପାଇଁ ନୂଆ ନୂଆପ୍ରସ୍ତାବ ଦିଆଯିବାକୁ ଆଲୋଚନା କରାଯାଇଥିଲା । ଆହୁରି ମଧ୍ୟ ମତ୍ସ୍ୟ ଓ ଜଳଚାଷ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଏଫ୍‌ଆଇଡିଏଫ୍)କୁ କିପରି ଉପଯୋଗ କରାଯାଇପାରିବ, ସେ ସଂପର୍କରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଛି । ଗୋପାଳପୁରର ଆର୍ଯ୍ୟପଲ୍ଲୀଠାରେ ମାଛଧରା ବନ୍ଦରର ଉନ୍ନତିକରଣ, ପୁରୀ ଜିଲ୍ଲାର ଅସ୍ତରଙ୍ଗ, ବାଲେଶ୍ୱରର ବାହାବଲପୁର, ଉଦ୍ରକର ଚାନ୍ଦମଣି ଆଦି ନଦୀକୂଳ ବନ୍ଦରର ବିକାଶ କରାଯିବାକୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତି ପୂର୍ବକ ପାଣ୍ଠି ମଞ୍ଜୁରୀ ସଂପର୍କରେ ଆଲୋଚନା କରାଯାଇଥିଲା ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ବିରସିଙ୍ଗେର ଗାଁ...

# ଘର ନାହିଁ, ଆଲୁଅ ନାହିଁ,ହାତକୁ କାମ ନାହିଁ,ପୋଡୁ ଚାଷ ହିଁ ଭରସା



ଲାଞ୍ଜିଗଡ଼,୧୪/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଆଦିବାସୀବହୁଳ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ବିରସିଙ୍ଗେର ଗାଁ ଆଜିବି ଅପହଞ୍ଚ ହୋଇରହିଛି। ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥିବା ଏହି ଗାଁ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ । ଗାଁ ଲୋକଙ୍କ ହାତରେ କାମନାହିଁ।ଜଙ୍ଗଲ ଜାତ ଦ୍ରବ୍ୟରେ ଯାହା ରୋଜଗାର କରନ୍ତି,ସେଥିରେ ପେଟ ପୁରୁନି । ଗାଁରେ ୨୫ ଘର ଗରିବ ସମ୍ପ୍ରଦାୟର ଲୋକ ବସବାସ କରି ଆସୁଛନ୍ତି।ଏମାନଙ୍କ ମଧ୍ୟରୁ ୫ ଘର ଲୁହୁରା ସମ୍ପ୍ରଦାୟର ହୋଇଥିବା ବେଳେ ଅନ୍ୟ ୨୦ ଘର ଆଦିବାସୀ କୁଟିଆ କନ୍ଧ ଏହି ଗାଁରେ ରହିଛନ୍ତି।ତ୍ରିଲୋଚନପୁର ପଞ୍ଚାୟତର ଠାରୁ ୫ କିମି ଦୂର ଉତ୍ତର ଦିଗରେ ଝିମିରି ଜଙ୍ଗଲ ମଝିରେ ପ୍ରାୟ ୮୦ ବର୍ଷ ହେଲା ବସବାସ କରି ଆସୁଛନ୍ତି।ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏହି ବିରସିଙ୍ଗେର ଗ୍ରାମବାସୀ ଜଙ୍ଗଲ ରାସ୍ତା ଦେଇ ଆମ୍ବଗୁଡା ଗାଁ ଆସିବା ପରେ ଲାଞ୍ଜିଗଡ଼-ବିଜେପୁର କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରୁ ଆମ୍ବୁଲାନ୍ସ ସେବା ମିଳିଥାଏ।ଏଭଳି ପରିସ୍ଥିତିରେ ଏମାନେ ଜୀବନ କାଟୁଥିବା ବେଳେ ୨୦୧୫ ମସିହାରେ ଲାଞ୍ଜିଗଡ଼-ବେନଗାଁ କୁ ନୂତନ ଭାବେ ରାସ୍ତା ନିର୍ମାଣ କରାଯାଇଥିଲା।ରାସ୍ତାଟି ବିରସିଙ୍ଗେର ଗାଁ ଦେଇ ଯାଇଥିବା ବେଳେ ଗ୍ରାମବାସୀ ଗାଁ ବିକାଶର ସ୍ୱପ୍ନ ଦେଖିଥିଲେ।କିନ୍ତୁ ରାସ୍ତା ହୋଇ ଆଜିକୁ ୯ ବର୍ଷ ହେଲା ଏବେବି ବିକାଶ ଅପହଞ୍ଚ ହୋଇ ରହିଛି। ପ୍ରଶାସନ ପକ୍ଷରୁ ଏମାନଙ୍କୁ ଠିକ ଭାବେ କାମ ମିଳୁ ନଥିବା ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ପୋଡୁ ଚାଷ ଓ ପନିପରିବା,ମାଣ୍ଡିଆ, ବିରି, କୋଳଥ,କାନ୍ଦୁଲ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି।ଗାଁର କୌଣସି ଆଦିବାସୀଙ୍କୁ ସରକାରଙ୍କ ତରଫରୁ ଜଙ୍ଗଲ ଜମି କି ଘର ଡିହ ପଟ୍ଟା ନାହିଁ।ଏଣୁ ଏହି ଗାଁର ତିନି ଜଣଙ୍କୁ ଛାଡି ଅନ୍ୟ କାହାରିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ମିଳି ପାରିନାହିଁ।ଆଜିବି ଝାଟି ମାଟିର କୁଡ଼ିଆ ଘରେ ଦିନ କାଟୁଛନ୍ତି।ଅନ୍ୟପକ୍ଷେ ବିଜୁଳି ଆଲୁଅ ଏହି ଗାଁ ପାଇଁ ସାତସପନ ହୋଇଛି।ସନ୍ଧ୍ୟା ହେଲେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ସଦାସର୍ବଦା ଭୟ ରହୁଛି।ଏହାକୁ ନେଇ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି।ପାନୀୟଜଳ ପାଇଁ ଗାଁରେ ଗୋଟିଏ ସୌଲାର ଚାଳିତ ନଳକୂଅ ରହିଛି। ଫଳରେ ଆବଶ୍ୟକ ପରିମାଣରେ ପାଣି ମିଳୁନାହିଁ। ତେଣୁ ଗାଁ ନିକଟସ୍ଥ ଚାଷଜମି ତଟରେ ଏକ କୁଣ୍ଡ କରି ସେହି କୁଣ୍ଡର ପାଣିକୁ ପାନୀୟଜଳ ଭାବେ ଶୋଷ ମେଣ୍ଟାଇବା ଅତ୍ୟନ୍ତ ଦୁଃଖଦ ଘଟଣା। ଏଣୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଗାଁ ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଗାଁର ଚିନ ମାଝୀ, ତୁମେ ମାଝୀ, ଲକ୍ଷ୍ମଣ ମାଝୀ, ଘାସି ମାଝୀ, ବୁଦୁ ମାଝୀ, ମାଙ୍ଗି ମାଝୀ, ବାଟୁ ମାଝୀ,ପାତ୍ର ମାଝୀ ପ୍ରମୁଖ ଆକୁଳ ନିବେଦନ କରିଛନ୍ତି।

# ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ଶୋଭାଯାତ୍ରା




ବଣାଇ,୧୪/୧୨ (ନି.ପ୍ର):ବଣାଇରେ ଆଜି ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ଏକ ରାଲି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ହିନ୍ଦୁ ଭାଇ ଭଉଣୀ ମାନେ ଏକତ୍ରିତ ହୋଇ ବାଣେଶ୍ୱର ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ରାସ୍ତାରେ ସ୍ଲୋଗାନ ଦେଇ ବଣାଇ ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ସେଠାରେ ପହଞ୍ଚି ଉପ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୁନିୟୋଜିତ ଢଙ୍ଗରେ ବାଙ୍ଗଲାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦ ସ୍ୱରୂପ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ସନ୍ଦର୍ଭରେ ସମସ୍ତ ରାଷ୍ଟ୍ର ପ୍ରେମୀ ଓ ସନାତନ ଧର୍ମବଲମ୍ବୀଙ୍କୁ ଅନୁରୋଧ କରା ଯାଇଥିଲା । ପରିଶେଷରେ ସମସ୍ତ ହିନ୍ଦୁ ଭାଇ ଭଉଣୀ ମାନଙ୍କୁ ନେଇ ସେଠାରେ ଏକ ଶୋଭାର ଆୟୋଜନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଧର୍ମ ସମସ୍ତ ସଂଗଠନର ହିନ୍ଦୁ ଭାଇ ଭଉଣୀ ସହିତ ଉମା ମାହାନ୍ତ, ଡିଲେଶ୍ୱର ମାହାନ୍ତ, ଉଗ୍ରେସନ କିସାନ ରେଙ୍ଗଟୁ ପ୍ରଧାନ, ରାହାସ ବିହାରୀ ପ୍ରଧାନ, ମନୋଜ କୁମାର ପ୍ରଧାନ, ହେମନ୍ତ ସାହୁ, ଆଲ୍ଲାଦ ବଢ଼େଇ, ଜୟନ୍ତୀ ମାହାନ୍ତ, କର୍ମତି ଓରାମ, ଦିନେଶ ମାହାନ୍ତ, ଗଜେନ୍ଦ୍ର ନାଏକ, ବନଯଶ୍ରୀ ମହାନ୍ତି, ଗୋବିନ୍ଦ ସାହୁ, ଗୋବିନ୍ଦ ପାତ୍ର, ସୁଜିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହିତ

ବଣାଇଁଗଡ଼,୧୪/୧୨ (ନି.ପ୍ର): ବଣାଇଗଡ଼ ବ୍ଲକ ଅନ୍ତର୍ଗତ କରେଇପୁଟ ଉଚ୍ଚ ବିଦ୍ୟାଳୟ ପରିସରର ଟିକାୟତପାଲି ଥାନା ଓ ସମ୍ବାଦ ଆମ ଓଡିଶା ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କଷଡା ସରପଞ୍ଚ ଅନନ୍ତ କୁମାର ପଟ୍ଟା ଶିବିର କୁ ଉଦଘାଟନ କରି 'ରକ୍ତ ଦାନ ମହା ପୁଣ୍ୟ ' ଓ ଆମେ କିପରି ରକ୍ତ ଦାନ କରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇବା ବୋଲି କହିଥିଲେ । ଏହି ଅବସରରେ ଟିକାୟତପାଲି ଥାନା ଅଧିକାରୀ ଅନାଦି ଚରଣ ନାୟକ , ଉପଖଣ୍ଡ ଚିକିତ୍ସାଳୟ ର ରକ୍ତ ଭଣ୍ଡାର ମୁଖ୍ୟ ଡା ଅନିରୁଦ୍ଧ ବେହେରା, ଡା ମୁର୍ମୁ ପ୍ରମୁଖ ଯୋଗଦାନ କରିଥିଲେ । ମୋଟ ୨୫ ଜଣ ରକ୍ତ ଦାନ କରିଥିଲେ ।ଥାନା ର କର୍ମଚାରୀ ରାଧେଶ୍ୟାମ ବାଗ, ଦୀନବନ୍ଧୁ ପ୍ରଧାନ, ସରୋଜ କୁମାର ପ୍ରଧାନ, ରତ୍ନାକର ପାତ୍ର, ଯୋଶବନ୍ତ ପ୍ରଧାନ, ପୁରେନ୍ଦ୍ର କିଷାନଶିକ୍ଷକ ପ୍ରସନ୍ନ କୁମାର ବେହେରା ଙ୍କ ସମେତ ବଣାଇଁ ରକ୍ତ ଭଣ୍ଡାର କେନ୍ଦ୍ର ର କର୍ମଚାରୀ ଇନ୍ଦ୍ରଜିତ ପ୍ରଧାନ, ରମାକାନ୍ତ ପାତ୍ର, ହେମନ୍ତ ସିଂ, ଅଞ୍ଜନା ମହାନ୍ତ ଓ ବଣାଇ ର ସମସ୍ତ ସାମ୍ବାଦିକ,ବଣାଇଁ ସମ୍ବାଦ ପ୍ରତିନିଧି ତଥା ଆମ ଓଡିଶା ସଂଯୋଜକ ଚିନ୍ମୟ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

# କୋଟପାଡ଼ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କୋଟପାଡ଼,୧୪/୧୨ (ନି.ପ୍ର): କୋଟପାଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ସ୍ୱପ୍ନେଶ୍ୱର ନାୟକଙ୍କ ଅଧକ୍ଷତାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉଦଘାଟନ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ଦୟାନିଧି ପାତ୍ର,ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଖୋଗେଶ୍ୱର ଗୋଲରୀ, ଶିକ୍ଷକ ଧର୍ମଜୟ ଦାନସିଲ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋଟପାଡ଼ ର ଛାତ୍ର ଛାତ୍ରୀ ଓ କାର୍ଯକ୍ରମ ରେ ଯୋଗ ଦେବାକୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ର ୭୦ ଜଣ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ସମେତ ସିଆରସିସି ଅକ୍ଷୟ କୁମାର ବଳ,ଜୟଦେବ ଭଣ୍ଡାରି,ଦୁର୍ଗା ପ୍ରସାଦ ନାୟକ,ଶ୍ରୀମତୀ କୁମୁଦିନୀ ସେଠୀଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ସମସ୍ତଙ୍କ ଦ୍ୱାରା ଏକ ଶପଥ ପାଠ କରାଯାଇଥିଲା । ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଉତ୍ସାହ ଦାୟୀ ଅଭିଭାଷଣ ନିମନ୍ତ୍ରିତ ଅତିଥି ଦ୍ୱାରା ପରିବେଶଣ କରାଯାଇଥିଲା । ଏହାପରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ପ୍ରତିଯୋଗିତା ଯଥା - ଝିଲାପି ଦୌଡ଼, ହାଣ୍ଡି ଫଟା, ବଲ୍ ଫିଙ୍ଗା, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର (ବରିଷ୍ଠ ଓ କନିଷ୍ଠ) ବର୍ଗ ଆଧାର ରେ କରା ଯାଇଥିଲା,ପ୍ରତିଯୋଗିତା ଗୁଡ଼ିକ ଶିକ୍ଷକ ଟିକିଚାନ୍ଦ ନାୟକ,ସି ଆରସିସି ଦୁର୍ଗା ପ୍ରସାଦ ନାୟକ,ସାଗର ଭଟ୍ଟ, ମମତା ପାଢ଼ୀଙ୍କ ତତତ୍ୱାବଧାନରେ କରାଯାଇଥିଲା,ନାମ ପଞ୍ଜିକରଣ ଓ ମାନପତ୍ର ଲିଖନରେ ନିବେଦିତା ପତି ଓ ଚିନ୍ମୟୀ ଦେ କାର୍ଯ୍ୟ ସମ୍ପାଦନ କରିଥିଲେ,ସିଆର ସି ସି ବୈଦ୍ୟନାଥ ମଞ୍ଚ ପରିଚାଳନା କରିଥିଲେ,ଅପରାହ୍ନ ୩.୩୦ ମିନିଟ ରେ କୃତି ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମକୁ ବିଆରପି ମଧୁସ୍ମିତା ଗିରି ସଫଳ ପରିଚାଳନା କରିଥିଲେ,ବିଶେଷକରି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ସଚେତନ କାର୍ଯ୍ୟକ୍ରମ ଓ କୋଟପାଡ଼ ପରିଭ୍ରମଣ ନେଇ କୋଟପାଡ଼ ବିଭିନ୍ନ ବୁଦ୍ଧିଯିବି ମୋହଲରେ ପ୍ରଶ୍ନବାଟୀ କରିବା ସହିତ ବିଶୃଙ୍ଖଳା ପ୍ରକାଶ କରିଥିବାର ଦେଖିବାକୁ ମିଳିଥିଲା । ପରିଶେଷରେ ମଧୁସ୍ମିତା ଗିରି ଧନ୍ୟବାଦ୍ ଅର୍ପଣ ସହିତ କାର୍ଯ୍ୟକ୍ରମକୁ ସମାପନ କରିଥଲେ ।

# ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

# ଭିନ୍ନକ୍ଷମ ପିଲାମାନେ ସାଧାରଣ ପିଲାଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି



ବାରିପଦା, ୧୪/୧୨ (ନି.ପ୍ର): ବାରିପଦା ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୪ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରି ଭିନ୍ନକ୍ଷମ ପିଲାମାନେ ସାଧାରଣ ପିଲାଙ୍କ ଠାରୁ କୌଣସି ଗୁଣରେ କମ ନୁହନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁନମ ଜେନା,ସାଧନାର ନିର୍ଦ୍ଦେଶକ ରଞ୍ଜିତ ମହାପାତ୍ର, ଗୋଷ୍ଠୀଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପଣି ପ୍ରମୁଖ ଯୋଗଦେଇ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଅଛି । ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ମଧ୍ୟରେ ଥିବା ବିବିଧତାକୁ ସାମାଜିକ ସ୍ତରରେ ଗ୍ରହଣୀୟ କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାର ଉଦଯାପନୀ ଉତ୍ସବରେ ଜିଲ୍ଲା ଦୌରା ଜଜ ତଥା ଜିଲ୍ଲା ଆଇନିସେବା ପ୍ରାଧିକରଣର ଅଧକ୍ଷ ଅରବିନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଉପକରଣ ବଣ୍ଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅନ୍ୟତମ ସଦସ୍ୟ ରବୀନ୍ଦ୍ର କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିଲା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ୮୫ ଜଣ ଭିନ୍ନକ୍ଷମ ପିଲାଙ୍କୁ ୧୯୧ ପ୍ରକାରର ବିଭିନ୍ନ ଉପକରଣ ବଣ୍ଟନ କରଯାଇଥିଲା ।

# କଳିଙ୍ଗ ମହାବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ ମହିଳା ଖୋ-ଖୋ ପ୍ରତିଯୋଗିତା



ଜି.ଉଦୟଗିରି୧୪/୧୨ (ନି.ପ୍ର):କଳିଙ୍ଗ ମହାବିଦ୍ୟାଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୧୦ମ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା ଖୋ-ଖୋ ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ମେହେର ଉଦଘାଟନ କରିଥିବା ବେଳେ, ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସମ୍ମାନନୀୟ ବଳରାମ ସାହୁ ଯୋଗଦେଇ ବିଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୧୩ଟି ମହାବିଦ୍ୟାଳୟର ୧୭୦ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଗୁରାଣ୍ଡି ମହାବିଦ୍ୟାଳୟ ସହିତ କଳିଙ୍ଗ ମହାବିଦ୍ୟାଳୟର ଖେଳାଳି ମାନଙ୍କ ମଧ୍ୟରେ କଡା ମୁକାବିଲା କରି କଳିଙ୍ଗ ମହାବିଦ୍ୟାଳୟ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ପରିଦର୍ଶକ ଭାବେ ରାଜେଶ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ସରୋଜ କୁମାର ପାଢ଼ୀ,କେ.ରଘୁନାଥ ରେଡି,କେ.ଶ୍ରୀନିବାସ ଦୋରା,ପ୍ରଣୟ ରଞ୍ଜନ ଦାସ ଏବଂ ସନ୍ତୋଷ କୁମାର ବିଷୋୟୀ ପରିଚାଳନା କରିଥିବା ବେଳେ, ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ସରୋଜ କୁମାର ଦାଶ, କ୍ରୀଡା ସଂସଦ ଉପ ସଭାପତି ଆବେଦ୍ ମଣ୍ଡଳ, ସହ ସଭାପତି ସଂଗ୍ରାମ କେଶରୀ ପଣ୍ଡା ଏବଂ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# କୁଇଜ ଓ ରଚନା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କାର୍ଯ୍ୟକ୍ରମ



ବଣାଇ,୧୪/୧୨ (ନି.ପ୍ର):ବଣାଇ ବ୍ଲକ କେନ୍ଦ୍ରିକଳା ସ୍ଥିତ ଗୌରୀ ନର୍ସିଂ କଲେଜ ପକ୍ଷରୁ ଗତ ସପ୍ତାହରେ ସମସ୍ତ କଲେଜ ଗୁଡିକରେ କରାଯାଇଥିବା କୁଇଜ ଓ ରଚନା ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ। ସୂଚନା ଅନୁଯାୟୀ ଗୌରୀ ନର୍ସିଂ କଲେଜ ପକ୍ଷରୁ ବଣାଇ ଉପଖଣ୍ଡ ଅନ୍ତର୍ଗତ ବଣାଇ, ଗୁରୁଣ୍ଡିଆ, ଲହୁଣୀପଡ଼ା ସ୍ଥିତ କଲେଜ ଗୁଡିକରେ ଗତ ମାସ କୁଇଜ ଓ ରଚନା ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ଗତ କାଲି ବଲାଣୀ ପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଆଜି ବାବା ବାଣେଶ୍ୱର କଲେଜ ଓ ଯୋଗମାୟା ମହିଳା କଲେଜ ସଭା ଗୃହରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଣିପାଟ ଓ ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ମଧୁସୂଦନ ବିଶ୍ୱାଳ ଓ ଲତିକା ମାଡାମ, ଯୋଗମାୟା ମହିଳା କଲେଜ ଅଧକ୍ଷା ଝରଣା ପ୍ରଧାନ, ବାବା ବାଣେଶ୍ୱର କଲେଜ ଅଧକ୍ଷା ରୁନୁ ବାଳା ଦାଶ ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗୌରୀ ନର୍ସିଂ କଲେଜ ର ମୁଖ୍ୟ ପରିଚାଳକ ରାଜୁ ପୃଷେଠ , ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ର ଅଧକ୍ଷା ସସ୍ମିତା ଚୌଧୁରୀ ଯୋଗ ଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପୁରସ୍କୃତ କରିଥିଲେ। ଏହି କଲେଜ ଖୋଲିବା ପରେ ବଣାଇ ଅଞ୍ଚଳର ଗରିବ ଆଦିବାସୀ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ମୁଖ୍ୟ ପରିଚାଳକ ରାଜୁ ପୃଷେଠ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଗୌରୀ ନର୍ସିଂ କଲେଜ ର ସଂଯୋଜକ ସୁମନ ସୌରଭ ସାହୁ ପରିଚାଳନା କରିଥିବା ବେଳେ ସମସ୍ତ କଲେଜ ଅଧାପକ, କର୍ମଚାରୀ ମାନେ ସହଯୋଗ କରିଥିଲେ।

# ନୀଳାଚଳ ବିସ୍ଥାପିତ ପରିବାରଙ୍କ ଧାରଣା ସାମୟିକ ସ୍ଥଗିତ

ଦାନଗଦୀ,୧୪/୧୨ (ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ଟାଟା ଷ୍ଟିଲ ଅଧିକୃତ ନୀଳାଚଳ ଇସ୍ପାତ ନିଗମର ବିସ୍ଥାପିତ ପରିବାର ପକ୍ଷରୁ ଆଜିକୁ ୧୦ ଦିନ ଧରି ଡୁବୁରୀ ରୁ ବ୍ୟାସନଗର ରାଜରାସ୍ତାର ନୀଳାଚଳ କାରଖାନା ପାଖକୁ ଲାଗିକି ଥିବା ପୁରୁଣା ଟୋଲ ଗେଟ ରାଜରାସ୍ତା ଉପରେ ଆନ୍ଦୋଳନ କାରୀ ବିସ୍ଥାପିତ ମାନେ ଅହୋରାତ୍ର ଧାରଣା ଦେବା ପରେ ବାରମ୍ବାର ପ୍ରଶାସନ ସହ, କମ୍ପାନୀ ସହ ଆଲୋଚନା ବିଫଳ ହୋଇଥିଲା । ଆଜି ମଧ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଓ ଟାଟା ନୀଳାଚଳ ର ଅଧିକାରୀ ମାନେ ଆନ୍ଦୋଳନ ସ୍ଥଳରେ ଅପରାହ୍ନ ଅଢେଇ ଟା ସମୟରେ ପହଞ୍ଚି ଆଲୋଚନା କରି ତିନି ମାସ ର ସମୟ ସମାଧାନ ପାଇଁ ମାଗିଥିଲେ । ପୂର୍ବରୁ ପ୍ରାୟ ଚାରିମାସ ହେବ ଆନ୍ଦୋଳନ ସମୟରେ ବହୁ ପ୍ରତିଶୃତି ଦେଇ ନିର୍ବାଚନ ପରେ ସମସ୍ତ ସୁବିଧା ଉପଲବ୍ଧ କରିବାପାଇଁ ପ୍ରତିଶ୍ରୁତି ମିଛ ହେବା ପରେ ଆଜକୁ ୧୦ ଦିନ ହେବ ଶୀତ, କାକରରେ ବସି ଆନ୍ଦୋଳନକାରୀ ମାନେ ଆଉ ମିଛ ପ୍ରତିଶୃତିରେ ଭରଷା ନ କରି ମାତ୍ର ଏକ ମାସ ସମୟ ଦେଇ ଆଜି ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି ବିସ୍ଥାପିତ ପରିବାର । ପ୍ରଶାସନ ର ଅତିରିକ୍ତ ଜିଲ୍ଲପାଳ ଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ ଆଲୋଚନା ହୋଇଥିଲା କିନ୍ତୁ ଆନ୍ଦୋଳନକାରୀ କୌଣସି କଥା ଶୁଣିବା ପାଇଁ ପ୍ରସ୍ତୁତ ନାହାନ୍ତି । ଆମେ କିଛି କହିପାରିବୁ ନାହଁ ସେମାନଙ୍କ ଇଚ୍ଛା ସେ କଣ କରିବେ ନ କରିବେ ତାଙ୍କୁ ପଚାରନ୍ତୁ, ଆନ୍ଦୋଳନକାରୀଙ୍କ କହିବା କଥା ପ୍ରଶାସନ ଆମକୁ ପୁରୁଣା ଆନ୍ଦୋଳନ କଥା କୁ ଛୋଟ ପିଲା ପରି ଭୁଲାଇ ଦେଇ କହୁଛନ୍ତି ସରକାର ବଦଳି ଯାଇଛି ତିନିମାସ ସମୟ ଦିଅନ୍ତୁ ବିଚାର କରିବା, ଏପରି ଯଦି ହୁଏ ମାସେ ପରେ ଯେଉଁ ଆନ୍ଦୋଳନ ହେବ ତାହା ଦୁର୍ବାର ହେବ, ସମ୍ପୂର୍ଣ କଳିଙ୍ଗନଗର ବନ୍ଦ ହେବା ସହ ଯାହା ବି ହେବା ପ୍ରଶାସନ ଦାୟୀ ରହିବ ।

# ବିପଦ ସଙ୍କୁଳ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଛି କୁନି କୁନି ପିଲାଙ୍କ ପାଠପଢ଼ା



ବସ୍ତା, ୧୪/୧୨ (ନି.ପ୍ର): ଆଜିର ଶିଶୁ କାଲି ଦେଶର ଭବିଷ୍ୟତ। ଆଉ ଏହି ଶିଶୁଙ୍କ ଭବିଷ୍ୟତ ପାଇଁ ରାଜ୍ୟ ସମେତ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଶିଶୁଙ୍କ ବିକାଶ ପାଇଁ ମାତୃତ୍ୱ ଗର୍ଭରୁ ଯୋଜନା ଲାଗି ରହିଛି । ଆଉ ଏହି କୁନି କୁନି ପିଲାମାନଙ୍କ ପାଇଁ ସମନ୍ୱିତ ଶିଶୁ ବିକାଶ ନାମରେ ଅନ୍ତର୍ଭୁକ୍ତ ରାଜ୍ୟ ସମେତ ଦେଶରେ ଅଙ୍ଗନୱାଡି କେନ୍ଦ୍ର ଖୋଲି କୁନି କୁନି ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଘର ଖଣ୍ଡିଏ କରି ଏହାର ରକ୍ଷଣା ବେକ୍ଷଣ କଥା ଭୁଲି ଯାଇଛନ୍ତି। ଏମିତି ଏକ ଅଙ୍ଗନୱାଡ଼ି କେନ୍ଦ୍ର ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦା ।ରୋଡ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଭାନ୍ଦିପୁର ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର। ୨୦୦୧ରେ ଶୁଭାରମ୍ଭ ହୋଇଥିବା ଏହି ଅଙ୍ଗନ ୱାଡ଼ି କେନ୍ଦ୍ରରେ ବର୍ତ୍ତମାନ ୨୨ ଜଣ ପିଲା ଅଧ୍ୟୟନ କରୁ ଥିବା ବେଳେ ଅଧିକାଂଶ ପିଲା ଆଦିବାସୀ ସମ୍ପ୍ରଦାୟ ର। ଅପରିଷ୍କାର ପରିବେଶ ସହିତ ଭଙ୍ଗା ଦଦରା ଘରେ ଚାଲି ଛି ପାଠପଢ଼ା। କାହାର ଯେ କେତେବେଳେ ଦୃଘଟଣାର ସମ୍ମୁଖିନ ହେବ ତାହା କହିବା ଅସମ୍ଭବ। ସରକାର ଏହି ଅଙ୍ଗନୱାଡ଼ିକୁ ବ୍ଲକ ଅନୁଦାନ ପ୍ରାପ୍ତ ଘୋଷଣା କରିବା ସହ ୨୦୦୧ ମସିହାରେ ଏକ ଛାତ ଘର ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରିଥିଲେ।ତେବେ ସେହିଦିନ ଠାରୁ ସରକାରଙ୍କ ଦୃଷ୍ଟି ଆଢୁଆଳରେ ଚାଲିଆସୁଛି ଏହି କେନ୍ଦ୍ର ।ଶିଶୁ ବିଭାଗର ଦାୟିତ୍ୱହୀନତା ଯୋଗୁ ଏହି ଅଙ୍ଗନ ୱାଡ଼ି ଏବେ ଭୁଷୁଡିବାକୁ ବସିଲାଣି ।କାନ୍ଥର ବିଭିନ୍ନସ୍ଥାନରେ ଫାଟି ଆଁ କରିବା ସହିତ ଅନେକ ସ୍ଥାନରେ ଲୁହା ରଡ ବାହାରି ଗଲାଣି ।ବିଭିନ୍ନ ସମୟରେ ଛାତରୁ ପ୍ଲାଷ୍ଟର ଖସୁ ଥିବାରୁ ଛାତ୍ରଛତ୍ରୀ ମାନଙ୍କୁ ପାଠ ପଢିବାକୁ କେନ୍ଦ୍ରକୁ ଛାଡିବାକୁ ଅଭିଭାବକ ଭୟ କରୁଛନ୍ତି ।ବର୍ଷା ହେଲେ ଛାତରୁ ପାଣି ଗଳୁଛି ।ବର୍ଷ ଦିନ ଆସିଲେ ପିଲାମାନଙ୍କ ଛାତ୍ର/ଛାତ୍ରୀଙ୍କ ପାଠ ପଢାରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଭକ ମାନେ ପ୍ରକାଶ କରିଛନ୍ତି । ଚଟାଣ କଥା ନକହିବା ଭଲ,ଚଟାଣ ଫାଟି ଗାତ ହୋଇ ଯାଇଥିବାରୁ ବିଷଧର ସାପ ମାନେ ଏହି ଗାତରୁ ବାହାରୁ ଥିବା ବେଳେ ବାରଣ୍ଡାରେ ଦୁଇଟି ଭଙ୍ଗା ଖୁଣ୍ଟରେ ଭଙ୍ଗା ଟିଣ ପଡ଼ିଛି ।କେତେବେଳେ ଛାତ ପଡ଼ି ପିଲାଙ୍କ ଜୀବନ ଯିବ ତାହା କହି ହେବ ନାହିଁ ।ଏପଟେ ପିଲାଙ୍କ ପାଇଁ ପୁଷ୍ଟିସାର ଖାଦ୍ୟ ନାଁରେ ପ୍ରତିଦିନ ପୋଷଣ ପାଇଁ ଖାଦ୍ୟ ପ୍ରସ୍ତୁତ ହୁଏ ଏହି ଗୋଟିଏ ଘର ଭିତରେ। ଘର ବି ବେଶି ବଡ଼ ହୋଇ ନଥିବାରୁ ତାହାରି ଭିତରେ ପିଲାଙ୍କ ପାଠ ପଢା ସହିତ ରୋଷେଇ ହେଉଥିବାରୁ ଗ୍ୟାସ ଓ ଚୁଲି ଧୁଆଁରୁ ପିଲା ମାନେ ଅଣ ନିଶ୍ୱସି ହୋଇ ପଡୁଛନ୍ତି। ସକାଳ ୯ ରୁ ଖୋଲି ୧୦ ଟା ୩୦ ବନ୍ଦ ହୁଏ। ଯାହା ସରକାରୀ ସ୍ତରରେ ୧୨ ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବା କଥା କିନ୍ତୁ ଘରର ଅବସ୍ଥା ନେଇ ଭୟରେ ମାତ୍ର ଏକ ଘଣ୍ଟା ରୁ ଦେଢ଼ ଘଣ୍ଟା ଚାଲୁଛି ବୋଲି କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଅନିମା ଭୂୟାଁ କହିଛନ୍ତି। ଏ ନେଇ ସେ ବାରମ୍ବାର ରାଜନେତା ଠାରୁ ଆରମ୍ଭ କରି ପ୍ରଶାସନ ସମେତ ବିଭା ଗୀୟ ଅଧିକାରୀ ମାନଙ୍କୁ ଜଣାଯାଇ ଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ ଗ୍ରାମର ଜାଗା ବିବାଦ ପାଇଁ ନୂତନ ଘର ହେଇପାରୁ ନାହିଁ ବୋଲି ପ୍ରତିକ୍ରିୟାରେ ସମନ୍ୱୟ ଶିଶୁବିକାଶ ଅଧିକାରିଣୀ ଶ୍ରୀମତୀ ଦୀପ୍ତି ରାଣୀ ସିଂ ପ୍ରକାଶ କରିଛନ୍ତି ।ତେବେ ଯଥାଶୀଘ୍ର ଘର ଖଣ୍ଡିଏ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।

## କୋରାପୁଟ ମଣ୍ଡଳ କାରାଗାରରେ ଶୁଭୁଛି ରାମ ନାମ

# ପୌରାଣିକ ନାଟକ ମାଧ୍ୟମରେ ପୁନର୍ବାର ଭୁଲକୁ ନ ଆପଣେଇବାକୁ ଅନ୍ତେବାସୀଙ୍କୁ ପରାମର୍ଶ




କୋରାପୁଟ, : କୋରାପୁଟ ମଣ୍ଡଳ କାରାଗାର ରେ ଶୁଭୁଛି ରାମ ନାମ, ନାଟକ ମାଧ୍ୟମରେ ଅନ୍ତେବାସୀଙ୍କୁ ସଚେତନ ।ରାମ ନାମ ରେ ଝୁମିଲେ ଅନ୍ତେବାସୀ ।ଜେଲ ପରିସରରେ ସୃଷ୍ଟି ହେଲା ଆଧ୍ୟାତ୍ମିକ ପରିବେଶ । କୋରାପୁଟ କାରା ପ୍ରତିଷ୍ଠା ଦିବସରେ କୋରାପୁଟ ମଣ୍ଡଳ କାରାଗାରରେ ମହା ଆଡମ୍ବର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ପୌରାଣିକ ନାଟକ ମାଧ୍ୟମରେ ପୁନର୍ବାର ଭୁଲ କୁ ନ ଆପଣେଇବା ତା ସହିତ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନ୍ତେବାସୀଙ୍କୁ ପରାମର୍ଶ ଦିଆଯାଇଛି । କୋରାପୁଟ ମଣ୍ଡଳ କାରାଗାର ପରିସରରେ ଆୟୋଜିତ କାରା ପ୍ରତିଷ୍ଠା ଦିବସ ଉତ୍ସବରେ ବରିଷ୍ଠ ଅଧିକ୍ଷକ କୁଅଁର ମାରାଣ୍ଡି ଙ୍କ ଅଧକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନେକ ବୃଦ୍ଧିଜୀବି ଯୋଗ ଦେଇଥିଲେ । କାରାଗାର ରେ ରହିଥିବା ଅନ୍ତେବାସୀଙ୍କୁ ନେଇ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା । କାରାଗାର ରେ ରହିବା ପାପ ନୁହେଁ , ଭଗବାନ ଶ୍ରୀ କୃଷ୍ଣ କାରାଗାରରେ ଜନ୍ମ ଗ୍ରହଣ କରିଛନ୍ତି ଏଣୁ କାରାଗାର ଏକ ପବିତ୍ର ସ୍ଥାନ କୋରାପୁଟ କାରାଗାର ରୁ ତୁଳସୀ , ଦୁବ ଏବଂ ଶାଗ ଶ୍ରୀ ମନ୍ଦିର ପୁରୀକୁ ପଠାଯାଉଛି । ଯାହାକୁ ଜଗନ୍ନାଥ ଙ୍କ ପାଖରେ ଲାଗି ହେଉଛି ଏହି ମହାନ ସ୍ଥାନ ରେ ରହି ନିଜକୁ ସୁଧାରି ନେଇ ପୁନର୍ବାର ଭୁଲ କୁ ନ ଆପଣେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇ ନିଜର ଓ ନିଜ ପରିବାରର ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଅନ୍ତେବାସୀ ମାନଙ୍କୁ ପରାମର୍ଶ ଦିଆ ଯାଇଥିଲା ।ଜଣେ ଯଦି ଭୁଲ କାମ କରି ସ୍ୱର୍ଗ ପ୍ରାପ୍ତି ହୁଏ ତେବେ ତାକୁ ଜମରାଜ କିପରି ତେଲ କଡେଇ ରେ ପକେଇବା ତା ସହିତ ଶରୀର କୁ କାଟି ଖଣ୍ଡ ବିଖଣ୍ଡିତ କରିବା ଭଳି ପୌରାଣିକ ନାଟକ ରେ ଦୃଶ୍ୟ ରହିଥିଲା । ଜେଲ ରୁ ବାହାରିବା ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ଭଲ କାମ କରିବା ପାଇଁ ଅନ୍ତେବାସୀଙ୍କୁ ପରାମର୍ଶ ଦିଆ ଯାଇଥିଲା । ପୌରାଣିକ ନାଟକ ଦେଖିଲେ ଯେମିତି ବାସ୍ତବ ଭଳି ଲାଗୁଥିଲା । ଏହି ପୌରାଣିକ ନାଟକ ଅନ୍ତେବାସୀ ନିଜେ ପ୍ରସ୍ତୁତ କରିଥିଲେ ।କୋରାପୁଟ ମଣ୍ଡଳ କାରାଗାର ରେ ଏହି ଭଳି ପୌରାଣିକ ନାଟକ ପରିବେଷଣ କୁ ନେଇ ସାଧାରଣ ରେ ପ୍ରଶଂସା କରାଯାଇଛି ।

## ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ

# ରାଜ୍ୟ ସ୍ତରରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବରେ ଭାଗ ନେବେ ଜିଲ୍ଲାର ସଫଳ ଯୁବକୃତୀ




ସୁବର୍ଣ୍ଣପୁର, : ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ରାଜ୍ୟ ସ୍ତରରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବ ୨୦୨୫ ରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବାପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝିଙ୍କ ପୌରାହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଆଗାମୀ ତା ୧୭/୧୨/୨୪ ଦିନ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାତୀୟ ଯୁବ ଉତ୍ସବ ୨୦୨୫ ନିମନ୍ତେ ରାଜ୍ୟ ସ୍ତରକୁ ପ୍ରତିଯୋଗୀ ପଠାଇବା ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ କରାଯିବ । ଉକ୍ତ ଦିନ ଜିଲ୍ଲାର ୧୫ ବର୍ଷରୁ ୨୯ ବର୍ଷର ଯୁବ ବର୍ଗ ଙ୍କ ମଧ୍ୟରେ ଦଳଗତ ଲୋକନୃତ୍ୟ,ଦଳଗତ ଲୋକ ସଙ୍ଗୀତ,ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ଭାଷାର ପଦ୍ୟ ପଠନ /ଗଳ୍ପ ଲିଖନ, ଚିତ୍ରକଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ଔପଚାରିକ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ କରାଯିବ। ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ତଥା ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ନିମନ୍ତେ ପ୍ରେରଣ କରାଯିବ। ପ୍ରତିଯୋଗିତା ତା ୧୭.୧୨.୨୦୨୪ ଦିନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିଯୋଗିତା ନିମନ୍ତେ ପଞ୍ଜୀକରଣ ସକାଳ ୮.୩୦ ରୁ ୧୦,୦୦ ମଧ୍ୟରେ ହେବ। ପ୍ରତିଯୋଗୀ ନିଜର ଉପଯୁକ୍ତ ପରିଚୟ ନିମନ୍ତେ ଆଧାର କାର୍ଡ ଦେଖାଇବା ନିହାତି ଆବଶ୍ୟକ। ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ସୋନପୁର ଉପଜିଲ୍ଲାପାଳ ଡ଼ଃ ସୌମ୍ୟାରୁପା ରଥ,ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସୋନପୁର ମହାବିଦ୍ୟାଳୟ କଲେଜ ଅଧକ୍ଷ ଓ ବୀରମହାରାଜପୁର କଲେଜ ପ୍ରତିନିଧି ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ପରାମର୍ଶ ଦେବା ସହ ଜିଲ୍ଲାର ବହୁ ସଂଖ୍ୟାରେ ଯୁବକ ଯୁବତୀ ସାମିଲ ହେବାକୁ ଆହ୍ୱାନ କରିଛନ୍ତି ।

# ଦଣ୍ଡ ମୁକ୍ତ ଅଞ୍ଚଳରେ ଦଣ୍ଡିତ, ଛାତ୍ରଙ୍କ ମାଡ଼ ଦେଖି ଛାତ୍ରୀ ବେହସ

## ସାମ୍ବାଦିକଙ୍କ କାରରେ ଗଲେ ହସ୍ପିଟାଲ



ରାଇଘର : ଓଡ଼ିଶା ରାଜ୍ୟର ସବୁ ସ୍କୁଲ ଦଣ୍ଡ ମୁକ୍ତ ଅଞ୍ଚଳ ରୂପେ ଘଷିତ ହେବା ପରେ ସ୍କୁଲରେ ଅମାନସିକ ଅତ୍ୟାଚାରର ଶିକାର ହେଉଛନ୍ତି ଛାତ୍ର / ଛାତ୍ରୀ ।ଛାତ୍ର/ ଛାତ୍ରୀଙ୍କ ପିତା ମାତା କେବେବି ନିଜ ସନ୍ତାନକୁ ଏତିକି କେବେ ମାରି ନାହାନ୍ତି ହେଲେ, ସ୍କୁଲ ଶିକ୍ଷକ ଅମାନସିକ ଭାବେ ବିଧା, ଚାପୁଡ଼ା, ଲାତ, ଘସାରୀ ଘସାରି କି ପରି ମାରି ପାରିଲା ଜଣେ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରଙ୍କ କହି ସ୍କୁଲର ସମସ୍ତ ଛାତ୍ର / ଛାତ୍ରୀ କହିଛନ୍ତି । ଏତେ ଅମାନସିକ ଭାବେ ପ୍ରଥମ ବର୍ଷର ଛାତ୍ର ପ୍ରତି ମାଡ଼ ଦେଖି ଛାତ୍ରୀ ମାନେ ବୋବାଳି କରି କ୍ଲାସ ରୁମ ଭିତରେ କାନ୍ଦିବାକୁ ଲାଗିଲେ, କାନ୍ଦି କାନ୍ଦି ଜଣେ ଛାତ୍ରୀ ବେହସ ହୋଇ ଯାଇଥିଲେ। ଏହିପରି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର, ଅନୁସୂଚିତ ଜାତି ଓ ଜଣ ଜାତି ବିଭାଗ ଉଚ୍ଚ ମାଧ୍ୟମିକ ବିଧ୍ୟାଳୟରେ ।ସେହି ସ୍କୁଲର ଗଣିତ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ, ଗଣିତ ବୁଝି ପାରିଲ କି କହି ଛାତ୍ରଙ୍କ ପଚାରିବାରୁ ଜଣେ ଛାତ୍ର ଦୀପକ ଗଣ୍ଡ (୧୭)ବର୍ଷ ପିତା ଦୁଖଚାନ୍ଦ ଗଣ୍ଡ ବୁଝି ପାରିଲି ନାହିଁ କହିବାରୁ ଶିକ୍ଷକ ଜଣକ ଅକଥୋନୀୟ ଭାଷାରେ ଗାଳି ଗୁଲଜ କରି ଘସାରୀ ଘସାରି ନିସ୍ତକ ମାଡ଼ ମାରିଥିଲେ। ଏହା ତାଙ୍କର ନୂଆ କଥା ନାହିଁ ବିଗତ ବର୍ଷ ଦ୍ୱିତୀୟ ବର୍ଷର ଛାତ୍ରଙ୍କ ମଧ ନିସ୍ତକ ମାଡ଼ ମାରିବାର ଉଲ୍ଲେଖେନିୟ ବର୍ବର କାହାଣୀ ମଧ ଆମ କଳିଙ୍ଗ ୨୪ ନ୍ୟୁଜର ବୁମ ଆଗରେ ଛାତ୍ର ମାନେ ପ୍ରକାଶ କରିଛନ୍ତି ।ଏହି ବିଷୟେକୁ ନେଇ ଗଣିତ ଶିକ୍ଷକଙ୍କ ପଚାରିବାରୁ ମୋର ଦେହ ଖରାପ ଅଛି ମୁ କିଛି କହି ପାରିବି ନାହିଁ ଏବଂ ଆମ କଳିଙ୍ଗ ୨୪ ନ୍ୟୁଜ ପ୍ରତିନିଧି ଆଗରେ ବାଇଟ ଦେବାକୁ ମନା କରି ଦେଲେ। ଛାତ୍ର/ ଛାତ୍ରୀଙ୍କ କହିବା କଥା ଟି ଆର ଡବ୍ଲୁ ( ଝଜଡ) ଡି ଡବ୍ଲୁ ଡି (ଡଡଡ) କତୃପକ୍ଷ ଅତି ସତ୍ତର ଶିକ୍ଷକଙ୍କ ପ୍ରତି କଠୋର ରୁ କଠୋର ଦଣ୍ଡାଦେଶ ନ ଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ହେବ କହି ଚେତାବନି ଦେଇଛନ୍ତି। ଏହି ଟି ଆର ଡବ୍ଲୁ ( ଝଜଡ) ସ୍କୁଲର ହେଡମାଷ୍ଟର ଶ୍ରୀ ଯୁକ୍ତ ବିଧୁଭୂଷଣ ନାୟକଙ୍କ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣି ନାହିଁ, ସ୍ୱବିଶେଷ ପଚାରିବା ପରେ କହିଁବି କହିଛନ୍ତି। ଆଜିର ଏହି ବର୍ବର ଓ ଅମାନସିକ ଶିକ୍ଷକଙ୍କ ଅତ୍ୟାଚାର ଦେଖି ଅଭିଭାବକ ମହଲ ଓ ରାଇଘର ବ୍ଲକରେ ଚାଞ୍ଚଲ୍ୟ ଖେଳି ଯାଇଛି ଏବଂ ଶିକ୍ଷକଙ୍କ ପ୍ରତି କଠୋର ରୁ କଠୋର ଦଣ୍ଡାଦେଶ ଯେ ପରି ହୁଏ ତାହାର ପାଇଁ ଟି ଆର ଡବ୍ଲୁ (ଝଜଡ) ଡି ଡବ୍ଲୁ ଡି ( ଡଡଡ) କତୃପକ୍ଷଙ୍କ ରାଇଘର ଅଞ୍ଚଳବାସୀ ସହ ଅଭିଭାବକ ବୃନ୍ଦ ଅନୁରୋଧ କରିଛନ୍ତି।

# ପନିମାଳ ଉଚ୍ଛେଦ ହେଲା, ନିଆଳି ବଜାର ଠାରୁ ଜଲ୍ଲାରପୁର ଉଭୟ ରାସ୍ତା ଜବରଦଖଲ ଉଚ୍ଛେଦ ହେବ କେବେ ?



ନିଆଳି, : ରାସ୍ତା ସମ୍ପ୍ରସାରଣ ହେବ । ରାସ୍ତା କଡରେ ସରକାରୀ ଜମି ମାଡି ବସିଥିବା ବ୍ୟବସାୟୀ ଓ ଜବରଦଖଲକାରୀ ମାନଙ୍କୁ ସରକାରୀ ଜମିରୁ ବେଦଖଲ କରାଯିବ ଏ ନେଇ ଆରମ୍ଭ ହୋଇଥିଲା ବ୍ଲୁ ପ୍ରିଣ୍ଟ । କଟକ ଜିଲ୍ଲା ନୂଆଗାଁ ଠାରୁ ନିଆଳି ବଜାର ଏବଂ ଜଲ୍ଲାରପୁର ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ ହେବ ଏବଂ ଆଲୋକିକରଣ ହେବ । ଏ ନେଇ ନିଆଳି ବିଧାୟକ ଛବି ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ଗତ ଦୁଇମାସ ତଳେ ଜନସାଧାରଣ ଅବଗତି ନିମନ୍ତେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଏଥିପାଇଁ ନିଆଳି ତହସିଦାର କାର୍ଯ୍ୟାଳୟ ପକ୍ଷରୁ ଆର.ଆଇ,ଅମିନ ଏବଂ ସରକାରୀ ଅଧିକାରୀମାନେ ନୂଆଗାଁ ଠାରୁ ପନିମାଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଚିହ୍ନଟ କଲେ ଏବଂ ସରକାରୀ ଜମି ମାଡି ବସିଥିବା ବ୍ୟବସାୟୀ ଏବଂ ଜବର ଦଖଲ କାରିଙ୍କୁ ସରକାରୀ ଜମି ମୁକ୍ତ ପାଇଁ ନୋଟିସ ଜାରି କରିଥିବା ନେଇ ସୂଚନା ମିଳିଛି । ନିଆଳି ବଜାରରେ କେତେକ ଉଠା ଦୋକାନୀ ନିୟମକୁ ଅନୁସରଣ କରିଥିବା ନେଇ ସୂଚନା ମିଳିଛି । ଏବଂ ପରେ ପନିମାଳ ଛକ ନିକଟରେ ଆ୍ର.ଆଣ୍ଡ.ବି ବିଭାଗ ରାସ୍ତାକୁ ଅବରୋଧ ହଟାଇଥିଲେ ନିଆଳି ତହସିଦାର । ବୁଲଡରଜ ଲଗାଇ ଭାଙ୍ଗିଦେଲେ ଦୋକାନ ଗୃହ । କିନ୍ତୁ ନୂଆଗାଁ ଠାରୁ ଜଲ୍ଲାରପୁର ପର୍ଯ୍ୟନ୍ତ ରାସ୍ତା କଡରେ ଅନେକ ଦୋକାନି,ମଣ୍ଡପ ଓ ପ୍ୟାଲସ ଆ୍ର.ଆଣ୍ଡ.ବି ବିଭାଗ ରାସ୍ତାକୁ ଅବରୋଧ କରି ରଖିଛନ୍ତି । ଫଳରେ ଦୃର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ସରକାରି ଜମିକୁ ଅବରୋଧ କରି ବିବାହ ଓ ବ୍ରତ ଘର କରୁଛନ୍ତି ଟଙ୍କା ରୋଜଗାର କରୁଛନ୍ତି ତେବେ ଦୃର୍ଘଟଣା ହେଲେ କାହାର ଧନ ଜୀବନ ଗଲେ ଏଥିପାଇଁ ସରକାର ନାଁ ସରକାରୀ ଜମି ଜବରଦଖଲ କରି ଟଙ୍କା ରୋଜଗାର କରୁଥିବା ସଂସ୍ଥା ଦାୟୀ ରହିବେ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳ ବାସୀ । ସେପଟେ ପନିମାଳ ଉଚ୍ଛେଦ ପୂର୍ବରୁ ତହସିଲ ପକ୍ଷରୁ କାହିଁକି ନୂଆଗାଁ ଠାରୁ ନିଆଳି ବଜାର ଓ ଜଲ୍ଲାରପୁର ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ମାଡି ବସିଥିବା ବ୍ୟବସାୟୀ ଓ ଜବରଦଖଲକାରୀ ମାନଙ୍କୁ ଉଚ୍ଛେଦ କାହିଁକି କରାଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ବହୁ ବୃଦ୍ଧି ଜୀବି । ଏ ନେଇ ନିଆଳି ବାସି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି । ତେବେ ଏ ଦିଗରେ ନିଆଳି ତହସିଦାର କେବେ ନୂଆଗାଁ ଠାରୁ ନିଆଳି ବଜାର ଓ ଜଲ୍ଲାରପୁର ପର୍ଯ୍ୟନ୍ତ ରାସ୍ତା ଉଚ୍ଛେଦ କରୁଛନ୍ତି ଦେଖିବାକୁ ବାକି ରହିଲା ।

# ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ




ସୁବର୍ଣ୍ଣପୁର, ଜିଲ୍ଲାରେ ପ୍ରତିଷ୍ଠିତ ବିଭିନ୍ନ କାରଖାନା ତଥା ଜିଲ୍ଲା ମଧ୍ୟରେ ଯାତାୟତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ, କେମିକାଲ ବୋଝେଇ ପରିବହନ ଯାନ ବାହନ ଦ୍ୱାରା ଯେକୌଣସି ଆପାତକାଳୀନ ପରିସ୍ଥିତି କୁ ମୁକାବିଲା ନିମନ୍ତେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକ ପ୍ରାରମ୍ଭରେ ଆସିଷ୍ଟାଣ୍ଟ ଡିରେକ୍ଟର ଫ୍ୟାକଟୋରିଜ ଆଣ୍ଡ ବଏଲର, ବଲାଙ୍ଗୀର ଜୋନ, ଶ୍ରୀ ସ୍ୱାଧୀନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରିଥିଲେ । ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପଗୁଡିକରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ନିର୍ଗତ ଜନିତ କିମ୍ବା ସଡ଼କ ପରିବହନ ସମୟରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତାହାର ସୁପରିଚାଳନା କରି ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ କେଉଁ ବିଭାଗ କି କି କାର୍ଯ୍ୟ କରିବେ ତାହାର ବିସ୍ତାର ଭାବେ ଆଲୋଚିତ ହୋଇଥିଲା । ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କି କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶ୍ରୀ ବେହେରା ଏ ସମସ୍ତ ବିଷୟରେ ପାୱାର ପଏଣ୍ଟ ସହାୟତାରେ ବୈଠକରେ ଉପସ୍ଥାପନ କରିଥିଲେ । ପରେ ପରେ ବାୟୋ ମାସ ଫୁଏଲ, ପାଣିମୁରା, ତରଭା ଶିଳ୍ପ ସଂସ୍ଥାର ଅଧିକାରୀ ପାୱାର ପଏଣ୍ଟ ସହାୟତାରେ ତାଙ୍କର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପରେ ପରେ ଅନ୍ୟ ଶିଳ୍ପ ସଂସ୍ଥାରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ଦ୍ୱାରା ନିଆଯାଇଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ଶିଳ୍ପ ସଂସ୍ଥା ଗୁଡିକୁ ଅଗ୍ନିକାଣ୍ଡରୁ ରକ୍ଷା ଓ ସେଥିରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତ୍ତା ନିମିତ୍ତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସାମୁହିକ ଅଭ୍ୟାସ (ମକ ଡ୍ରିଲ) ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାରେ ଯାତାୟାତ ରାସାୟନିକ ବୋଝେଇ ଯାନ ବାହନ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପରିବହନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ଜାନୁଆରୀ ମାସରେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରି ରାସାୟନିକ ପଦାର୍ଥ ସଡ଼କ ପରିବହନ ଜନିତ ଆପାତକାଳୀନ ପରିସ୍ଥିତି ଉପରେ ଏକ ଅଫ ସାଇଟ ମକ ଡ୍ରିଲ ଓ ବାୟୋ ମାସ ଫୁଏଲ ଶିଳ୍ପ ସଂସ୍ଥା ପରିସରରେ ଏକ ଅନ ସାଇଟ ମକ ଡ୍ରିଲ ଆୟୋଜନ କରିବା ପାଇଁ ସ୍ଥିର କରାଗଲା । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମପ୍ରସାଦ ସାହୁ, ଉପ-ଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟା ରୂପା ରଥ, ପ୍ରଯୁଜ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀବୃନ୍ଦ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ଅଧିକାରୀଗଣ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ।

# ହଟିଲା ବଣିକ ସଂଘ ବିବାଦ-ସନ୍ତୋଷଙ୍କୁ ହଟାଇ କ୍ଷୀରୋଦ ହେଲେ ନୂତନ ସଭାପତି

## ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ମୁଖ୍ୟ ଉପଦେଷ୍ଟା



ପାରାଦୀପ, : ଦୀର୍ଘ ଦିନ ଧରି ପାରାଦୀପ ପୋର୍ଟ ବଣିକ ସଂଘରେ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି । ବୁଧବାର ଦିନ ନବ ନିର୍ବାଚିତ କର୍ମକ□ୀମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବଣିକ ସଂଘର ସଭାପତି ଭାବେ ୧୭ ବର୍ଷ ଧରି କାର୍ଯ୍ୟକରୁଥିବା ସନ୍ତୋଷ କୁମାର ପଟ୍ଟନାୟକଙ୍କ ବିରୋଧରେ ବ୍ୟବସାୟୀମାନେ ମେଳି ହୋଇଥିଲେ । ସନ୍ତୋଷ ବ୍ୟବସାୟୀମାନଙ୍କର ମୌଳିକ ସମସ୍ୟାର କୌଣସି ପ୍ରତିକାର କରିବାରେ ବିଫଳ, ମାର୍କେଟର ସର୍ବାଙ୍ଗୀନ ଉନ୍ନତି କରିବାରେ ସନ୍ତୋଷ କୌଣସି କାର୍ଯ୍ୟ ନକରି ଅସାଧୁ ଉପୟରେ ସଭାପତି ପଦ ମାଡି ବସିଥିବା ନେଇ ସଦସ୍ୟମାନେ ଅଭିଯୋଗ ଆଣିଥିଲେ । ଏପରିକି ବ୍ୟବସାୟୀମାନେ ଏସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବା ସହିତ ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀଙ୍କ ସହାୟତା ଲୋଡିଥିଲେ । ପ୍ରକାଶଙ୍କ ପରାମର୍ଶକ୍ରମେ ଗତ ଅଗଷ୍ଟ ମାସ ୧୫ ତାରିଖ ଦିନ ବ୍ୟବସାୟୀମାନେ ବଜାର ବନ୍ଦ କରି ମେଳି ହୋଇ ସନ୍ତୋଷଙ୍କୁ ସଭାପତି ପଦବୀରୁ ହଟାଇ ନୂତନ କର୍ମକ□ୀ ନିର୍ବାଚନ କରିଥିଲେ । ଏହାର ବିରୁଦ୍ଧରେ ସନ୍ତୋଷ ତାଙ୍କର ୭ଜଣ ସମର୍ଥକଙ୍କୁ ଦୁଇପକ୍ଷ କରି ଅଦାଲତରେ ସ୍ଥିତାବସ୍ଥା ଆଣିଥିଲେ । ଫଳରେ ନବନିର୍ବାଚିତ କର୍ମକ□ୀମାନେ ବଣିକ ସଂଘ କାର୍ଯ୍ୟାଳୟ ଏପରିକି ବଣିକ ସଂଘ ମଧ୍ୟକୁ ପ୍ରବେଶ କରି ପାରି ନଥିଲେ । ଶ୍ରମିକ ନେତା ପ୍ରକାଶଙ୍କୁ ସମର୍ଥନ ଜଣାଇ ନବନିର୍ବାଚିତ କର୍ମକ□ୀମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡି ଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସଂଘର ସମସ୍ତ କାଗଜପତ୍ରକୁ ତର୍ଜମା କରି ଗତ ୬ ତାରିଖ ଦିନ ନବନିର୍ବାଚିତ କର୍ମକ□ୀମାନଙ୍କୁ ସଂଘର ପ୍ରକୃତ କର୍ମକ□ୀ ବୋଲି ପତ୍ର ମାଧ୍ୟମରେ ସ୍ୱୀକୃତି ଜଣାଇଥିଲେ । ଫଳରେ ବୁଧବାର ଦିନ ପାରାଦୀପ ପୋର୍ଟ ବଣିକ ସଂଘର ସମସ୍ତ ବ୍ୟବସାୟୀମାନେ ବଣିକ ସଂଘ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ । ଗତ ଅଗଷ୍ଟ ୧୫ ତାରିଖ ଦିନ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କୁ ମୁଖ୍ୟ ଉପଦେଷ୍ଟା ଓ ନିର୍ବାଚିତ ହୋଇଥିବା ସଭାପତି କ୍ଷୀରୋଦ କୁମାର ସ୍ୱାଇଁ,କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ଅମୀୟ କୁମାର ପାଣି, ପ୍ରତିରଂଜନ ମହାପାତ୍ର ଓ ଶିଶିର କୁମାର ନାୟକ ଉପସଭାପତି ଏବଂ ସୋମନାଥ ଖୁ□ିଆଙ୍କୁ ନିର୍ବାଚିତ କରାଯାଇଥିଲା । ବୁଧବାର ଏହି ନବନିର୍ବାଚିତ କର୍ମକ□ୀମାନେ ମୁଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଥିଲେ । ବ୍ୟବସାୟୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ବ୍ୟବସାୟୀ ଭାଇମାନଙ୍କ ସମସ୍ତ ସମସ୍ୟାର ସମାଧାନ ଦିଗରେ ଆମେ କାର୍ଯ୍ୟ କରିବୁ ବୋଲି ମୁଖ୍ୟଉପଦେଷ୍ଟା ଶ୍ରୀ ତ୍ରିପାଠୀ ଓ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ କହିଛନ୍ତି ।

# ଜିଲ୍ଲା ସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ପାଳିତ



ସୁବର୍ଣ୍ଣପୁର, : ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ଏ ନ ଏମ ତାଲିମ ସଭା ଗୃହ ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ - ୨୦୨୪ ଭାର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟି ବି )ଡ଼ା ପଦ୍ମହଂସ୍ ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୟ କୁମାର ପ୍ରଧାନ, ସ୍ମିତାସ୍ରୀ ନାୟକ ଟୁଇଟର, ସାହେଲି ହଲ୍ଦାର ଟୁଇଟର ଓ ଜିଲ୍ଲା କାର୍ଯ୍ୟ ସଂଯୋଜକ ବିଶ୍ୱମ୍ବର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତେ ସାର୍ବଜନୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସହଜ ରେ , ସୁବିଧାରେ , ସବୁଠାରେ ଓ ବିନା ଖର୍ଚ୍ଚ ରେ ଉପଲବ୍ଧ କରିବା ପାଇଁ ଜନ ସଚେତନତା ସୃଷ୍ଟି କରି ସୁସ୍ଥ ସୁନ୍ଦର ସମାଜ ଗଠନ ଦିଗରେ ସହାୟକ ହୋଇ ପାରିବ। ଉପରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱା ରୋପ କରିଥିଲେ। ଉକ୍ତ ସଭାରେ ଆଶା,ଏ ଏନ ଏମ ଛାତ୍ର ଛାତ୍ରୀ , ନର୍ସିଂ ଅଫିସର ସମସ୍ତ କଂସଲ୍ଟାଣ୍ଟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ ।ଏକ ଡ୍ରଇଂ ଓ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୨୦ ଜଣ କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ବୃନ୍ଦ ସାର୍ଟିଫିକେଟ ସହିତ ଟ୍ରଫି ପୁରସ୍କୃତ କରିଥିଲେ ।ଉକ୍ତ କାର୍ଯକ୍ରମ କୁ ଇଗ ଉଚ ତରଣୀ ସେନ ପ୍ରଧାନ ଓ ଇଗ ଘଡଉ ଗୀତା ଞ୍ଜଳି ମେହେର ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# ସ୍ୱାସ୍ଥ୍ୟ ସେବାରେ ଅଭିନବ ପଦକ୍ଷେପ

ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏକ ଆହ୍ୱାନମୂଳକ ପ୍ରସଙ୍ଗ। ରାଜ୍ୟ ସରକାରଙ୍କ କ୍ରମାଗତ ଉଦ୍ୟମ ଫଳରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ଭିତିଭୂମିର ଅଭାବ ସାଙ୍ଗକୁ ଚିକିତ୍ସକଙ୍କ ଅଭାବ ପ୍ରାରମ୍ଭିକ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି କରିଥିଲା। କେନ୍ଦ୍ରୀୟ ସହଯୋଗ ତଥା ରାଜ୍ୟ ସରକାରଙ୍କ ଅଗ୍ରାଧିକାର ଭିତିରେ ଏ କ୍ଷେତ୍ରରେ ଗତ ଦୁଇଦଶନ୍ଧି ମଧ୍ୟରେ ଆଖିଦୃଶିଆ ପ୍ରଗତି ଘଟିଛି। ଉନ୍ନତ ସ୍ୱାସ୍ଥ୍ୟ ସେବା ଫଳରେ ଶିଶୁ ଓ ଗର୍ଭବତୀ ଓ ପ୍ରସୂତି ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ କମିଛି। ଜାତୀୟସ୍ତରରେ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପରକୁ ଉଠିବା ପଛରେ ରହିଛି ରାଜ୍ୟ ସରକାରଙ୍କ ନିରଳସ ଉଦ୍ୟମ ଏବଂ ଦୂରଦର୍ଶୀ କାର୍ଯ୍ୟକ୍ରମ। ବୁଧବାର ସ୍ୱାକ୍ଷରିତ ବୁଝାମଣାପତ୍ର କାର୍ଯ୍ୟକ୍ରମରେ ଆଭାସୀ ବ୍ୟବସ୍ଥାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଯେଉଁ କଥା କହିଛନ୍ତି ତାହା ପ୍ରଣିଧାନଯୋଗ୍ୟ। ସେ କହିଥିଲେ ଯେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ଉତମ ଭିତିଭୂମି ନିର୍ମାଣ ଏକ ମୌଳିକ ଆବଶ୍ୟକତା। ତେଣୁ ତାଙ୍କ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତି ଉପରେ ଓଡ଼ିଶା ସରକାର ଅଗ୍ରାଧିକାର ଦେଇ ସମସ୍ତଙ୍କୁ ଦକ୍ଷ, ଉଚ୍ଚମାନର ସହଜଲଭ୍ୟ ଚିକିତ୍ସା ସେବା ଓ ସୁଯୋଗ ଠିକ୍ ସମୟରେ ଯୋଗାଇ ଦେବାକୁ ଉଦ୍ୟମ କରୁଛନ୍ତି। ଏହି ଅବସରରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଫଳତାର ଅବତାରଣା କରିଛନ୍ତି। ଏହି ଯୋଜନାରେ ପ୍ରାୟ ୧ କୋଟି ପରିବାର ଉପକୃତ ହୋଇଛନ୍ତି। ତେଣୁ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପୁଞ୍ଜି ନିବେଶକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ ଏବଂ ଏଥିରୁ ସ୍ୱାସ୍ଥ୍ୟ ସେବା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାର ବାର୍ତା ପ୍ରାଂଜଳ ଭାବେ ମିଳୁଛି। ବୁଧବାର ଯେଉଁ ପାଂଚଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ତଦନୁସାରେ ଉତ୍କଳ ହେଲ୍‌ଥ କେୟାର ପ୍ରାଇଭେଟ୍ ଲିମିଟେଟ୍ ଓ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି ଏକ କନ୍‌ସୋର୍ଟିୟମ ଗଠନ କରି ଅନୁଗୋଳ ଓ ବଡ଼ବିଲ୍‌ରେ ୨୦୦ ଶଯ୍ୟା ବିଶିଷ୍ଟ ଦୁଇଟି ସୁପର ସ୍ପେଶାଲିଟି ହସ୍‌ପିଟାଲ୍ ତିଆରି କରିବେ। ସେହିଭଳି ଭଦ୍ରକ ଓ ଝାରସୁଗୁଡ଼ାରେ ପ୍ରତ୍ୟେକ ୧୦୦ ଶଯ୍ୟା ବିଶିଷ୍ଟ ଦୁଇଟି ସୁପରସ୍ପେଶାଲିଟି ହସ୍‌ପିଟାଲ୍ ସ୍ନାଇଗସ୍ ମେଡିକେୟାର ଓ ପ୍ରିଂଟିଲିଙ୍କ ଘରୋଇ ସଂସ୍ଥା ନିର୍ମାଣ କରିବେ। ଏହାଛଡ଼ା ଝାରସୁଗୁଡ଼ାରେ ଯେଉଁ ସୁପର ସ୍ପେଶାଲିଟି କ୍ୟାନ୍‌ସର ହସ୍‌ପିଟାଲ୍ ନିର୍ମାଣ ହେବ ତାହାର ସ୍ଥାପନା ଭାଇଜାଗ୍ ହସ୍‌ପିଟାଲ୍ ଓ କ୍ୟାନ୍‌ସର ରିସର୍ଚ୍ଚ ସେଂଟର କରିବ। ସ୍ୱାଭାବିକ ଭାବେ ରାଜ୍ୟ ସରକାର ଏ ସବୁ ହସ୍‌ପିଟାଲ୍‌କୁ ଜମି, ନିର୍ମାଣ ଜନିତ ପୁଞ୍ଜି, ଯୋଗାଯୋଗ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବେ। ସମ୍ପୃକ୍ତ ଘରୋଇ ସଂସ୍ଥା ହସ୍ପିଟାଲ୍ ନିର୍ମାଣ କରି ୩୦ ବର୍ଷ ଯାଏଁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଓ ଲୋକଶକ୍ତି ନିଯୁକ୍ତି କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ରାଜ୍ୟର ପ୍ରମୁଖ ଶିଳ୍ପାଂଚଳ ସମୂହରେ ସୁପର ସ୍ପେଶାଲିଟି ହସ୍‌ପିଟାଲ୍ ଅଭାବ ରହିଛି। ତେବେ ସେସବୁ ସହରର ଲୋକଙ୍କ ଆର୍ଥିକ ଅବସ୍ଥା ଅପେକ୍ଷାକୃତ ଭଲ ଥିବାରୁ ସେମାନେ ନିଜ ଘର ପାଖରେ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ରାଜ୍ୟରେ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ିଛି। ଲୋକେ ବିଭିନ୍ନ ସରକାରୀ ଯୋଜନାରେ ଓ ସେବାର ଲାଭ ଉଠାଇବା ସହିତ ବ୍ୟକ୍ତିଗତ ଭାବେ ଅର୍ଥ ଖର୍ଚ୍ଚ କରି ସୁସ୍ଥ ରହିବାକୁ ମନ ପସନ୍ଦର ଚିକିତ୍ସାଳୟ ଖୋଜୁଛନ୍ତି। ତେଣୁ ଯେତେ ଅଧିକ ଉନ୍ନତମାନର ହସ୍‌ପିଟାଲ୍ ରାଜ୍ୟରେ ନିର୍ମାଣ ହେବ ତା' ଦ୍ୱାରା ଲୋକେ ସେତେ ଅଧିକ ଉପକୃତ ହେବେ। ଖର୍ଚ୍ଚାନ୍ତ ହୋଇ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏବେ ଆମେ ଯେଉଁ ସ୍ଥିତିରେ ପହଂଚିଛୁ, ସେଥିରେ ଆଉ ଦୁଇବର୍ଷ ଭିତରେ ଓଡ଼ିଶା ଡାକ୍ତରଙ୍କ କ୍ଷେତ୍ରରେ ବଳକା ରାଜ୍ୟ ହୋଇପାରିବ। ତେଣୁ ଚିକିତ୍ସକ ଅଭାବ ଆଉ ସମସ୍ୟା ନୁହେଁ। ଏଥିସହିତ ଓଡ଼ିଶାରେ ହୋମି ଭାବା କର୍କଟ ଗବେଷଣା କେନ୍ଦ୍ରର ଭିତିପ୍ରସ୍ତର ମଧ୍ୟ ବୁଧବାର ମୁଖ୍ୟମନ୍ତ୍ରୀ ସ୍ଥାପନ କରିଛନ୍ତି। ଏହା ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏଥିପାଇଁ ରାଜ୍ୟ ସରକାର ୬୫ ଏକର ଜମି ଯୋଗାଇ ଦେଇଛନ୍ତି। ସେହିଭଳି ଯାଜପୁର ମେଡିକାଲ୍ କଲେଜ୍‌ର ମଧ୍ୟ ଶଯ୍ୟା ସଂଖ୍ୟା ୪୨୦କୁ ବୃଦ୍ଧି କରାଯାଇଛି। ଏବେ ରାଜ୍ୟରେ ୯ଟି ସରକାରୀ ଓ ୪ଟି ଘରୋଇ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ। ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟ କାର୍ଯ୍ୟ ଆରମ୍ଭ କରିଛି। ଏହାଛଡ଼ା ସ୍ୱାସ୍ଥ୍ୟ ସେବାକୁ ସମସ୍ତଙ୍କ ପାଖରେ ପହଂଚିବାକୁ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ମେଡିକାଲ୍ କଲେଜ୍ ସ୍ଥାପନାର ଯୋଜନା ରହିଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଯୋଜନା ଓଡ଼ିଶା ପାଇଁ ଅଧିକ ପ୍ରେରଣାଦାୟୀ ହୋଇଛି।

# ଲୋଭଃ ପାପସ୍ୟ କାରଣମ୍ ?

**ମାନସ କୁମାର ମଲ୍ଲିକ**

ନରେଶ ବାବୁ ତାଙ୍କ କଲୋନୀର ସବୁଠୁ ଚାଲାକ, ଚତୁର ଆଉ ବୁଝିଲା ଶୁଝିଲା ଲୋକ ବୋଲି ବେଶ୍ ଖାତିର ରହିଛ । କେନ୍ଦ୍ର ସରକାରଙ୍କର ଏକ ବିଭାଗରେ ଚାକିରି କରୁଥିଲେ, ତେଣୁ ସାରା ଭାରତ ବୁଲିଛନ୍ତି। ବିଭିନ୍ନ ଲୋକଚରିତ୍ର ଅଧ୍ୟୟନ କରିଛନ୍ତି। କୌଣସି ବିଷୟରେ ତାଙ୍କୁ କେହି ଭୁଲ୍ କହି ଠକିବା ସହଜ ନୁହେଁ। ତେଣୁ କଲୋନୀ ସାରା ଲୋକ ଭଲମନ୍ଦରେ ବା କୌଣସି ଦ୍ୱନ୍ଦରେ ପଡ଼ିଲେ ତାଙ୍କ ପରାମର୍ଶ ନିଅନ୍ତି। ଦିନେ ତାଙ୍କ ହ୍ୱାଟ୍‌ସଆପ୍‌ରେ ଗୋଟାଏ ମେସେଜ୍ ଆସିଲା ଅମୁକ ଅନ୍‌ଲାଇନ୍ ବ୍ୟବସାୟରେ ଅର୍ଥ ଲଗାଣ କରି ମାତ୍ର ଅଳ୍ପ ଦିନରେ ଦୁଇଗୁଣା କରନ୍ତୁ । ଇଂଟରନେଟ୍ ଯୁଗରେ ଏସବୁ ଆଜିକାଲି ଠକାମିର ଗୋଟେ ଗୋଟେ ସହଜ ଉପାୟ ବୋଲି ସେ ଗଣମାଧ୍ୟମରୁ ଜାଣିଥିଲେ । ତେଣୁ ସେଥିପ୍ରତି ଦୃଷ୍ଟି ଦେଲେନି। ମାତ୍ର ନିର୍ଦ୍ଦିଷ୍ଟ ଦିନର ବ୍ୟବଧାନରେ ବାରମ୍ବାର ସେହି ସମାନ ମେସେଜ୍ ତାଙ୍କ ପାଖକୁ ଆସିଲା। ଏପରିକି ପରୀକ୍ଷାମୂଳକ ଭାବରେ ମାତ୍ର ୧୦୦/୨୦୦ ଅର୍ଥ ବିନିଯୋଗ କରି ସତ-ମିଛ ପରୀକ୍ଷା କରିବାକୁ ପ୍ରେରକ ଜଣକ ଅନୁରୋଧ କଲେ ।

ଏବେ ନରେଶ ବାବୁ ଟିକେ ପରୀକ୍ଷା କରିନେବାକୁ ଚାହିଁଲେ। ହଁ, ଏତିକି ଟଙ୍କା ସକାଳେ ବନ୍ଧୁମାନଙ୍କ ସହିତ ଚା'ପାଣିରେ ଖର୍ଚ୍ଚ ହେଉଛି। ଟିକେ ଦେଖିବା। ସତକୁ ସତ ମେସେଜ୍ ?ରେ ଥିବା ନିର୍ଦ୍ଦେଶ ଅନୁସାରେ ପ୍ରଥମେ ୨୦୦ଟଙ୍କା ନିବେଶ କଲେ । ମାତ୍ର ଅଳ୍ପଦିନ ଭିତରେ ତାହା ୪୦୦ଟଙ୍କା ହୋଇ ତାଙ୍କ ଆକାଉଂଟକୁ ଆସିଗଲା । ଏବେ ନରେଶ ବାବୁଙ୍କ ଭରସା ବଢ଼ିଲା, ଲୋଭ ବି ବଢ଼ିଲା। ସେ ୧ହଜାର, ତାହାପରେ ୫ହଜାର, ୧୦ହଜାର ପର୍ଯ୍ୟନ୍ତ ନିବେଶ କରି ଦୁଇଗୁଣା ଅର୍ଥ କମେଇଲେ। ଘରେ ବସି ବିନା ପରିଶ୍ରମରେ ଏତେ ଲାଭ। ତେବେ ସେ ଏକା କାହିଁକି। କଲୋନୀରେ ଆଉ ଯେଉ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜାଗାରେ ତାଙ୍କ ବନ୍ଧୁ ସମ୍ପର୍କୀୟମାନେ ଅଛନ୍ତି ସେମାନେ ମଧ ଅର୍ଥ କମାନ୍ତୁ ବୋଲି ଭାବି ସମସ୍ତଙ୍କୁ ଏ ବାବଦରେ କହିଲେ । ନରେଶ ବାବୁଙ୍କ ଭଳି ବିଶ୍ୱାସଯୋଗ୍ୟ ଲୋକଙ୍କ ପ୍ରରୋଚନାରେ ପଡ଼ି ଅନ୍ୟମାନେ ମଧ ୧୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ନିବେଶ କଲେ। ପ୍ରଥମେ ଦୁଇଗୁଣା ଅର୍ଥ ଆସିଲା, ମାତ୍ର କିଛିଦିନ ପରେ ସବୁ ବନ୍ଦ । ସବୁ ଯୋଗାଯୋଗ ବିଚ୍ଛିନ୍ନ । ସେତେବେଳକୁ ନରେଶବାବୁଙ୍କ ପ୍ରରୋଚନାରେ ତାଙ୍କ ଜଣାଶୁଣା ଲୋକମାନେ ପ୍ରାୟତଃ ୨କୋଟି ଟଙ୍କା ନିବେଶ କରି ସାରିଛନ୍ତି। କିଛି କୁଆଡୁ ନପାଇ ନରେଶ ବାବୁ ସମସ୍ତଙ୍କୁ ନେଇ ଥାନାକୁ ଗଲେ । ଜଣାପଡ଼ିଲା ଏହା ହେଉଛି କୌଣସି ଠକ ସଂସ୍ଥା ବିଛାଇଥିବା ଜାଲ, ଯେଉଁଥିରେ ନରେଶ ବାବୁ ଆଉ ଅନ୍ୟମାନେ ଲୋଭବଶତଃ ପଡ଼ି ଯାଇଛନ୍ତି । ଟଙ୍କା ଆଉ ଫେରି ପାଇବାର ଆଶା ନାହିଁ ତଥାପି ପୁଲିସ୍ ତା' କାମ କରୁଛି । ସମସ୍ତେ ନରେଶ ବାବୁଙ୍କୁ ଦୋଷ ଦେବାକୁ ଆରମ୍ଭ କଲେଣି । ଏତେ ଅଭିଜ୍ଞ ହୋଇ ସେ ଯେ ଶେଷକୁ ଏମିତି ନିଜେ ଠକାମିରେ ପଡ଼ିବା ସହିତ ଅନ୍ୟମାନେ ତାଙ୍କ ଯୋଗୁଁ ଅର୍ଥକଷ୍ଟ ଭୋଗିଲେ ତାହା ବେଶ୍ ବାଧିଲା ନରେଶ ବାବୁଙ୍କୁ। ପ୍ରବଳ ମନସ୍ତାପ ଯୋଗୁଁ ସେ ଏବେ ଶଯ୍ୟାଶାୟୀ। ନିଜ ଭିତରେ କେମିତି ଗୋଟାଏ ପାପବୋଧ, ଅପରାଧବୋଧ ତାଙ୍କ ବିବେକକୁ ଦଂଶି ଚାଲିଛି। ଅନେକ ଦିନ ଧରି ନିୟନ୍ତ୍ରଣ ଭିତରେ ଥିବା ରକ୍ତଚାପ, ମଧୁମେହ ପୁଣି ବଢ଼ିଯାଇଛି।

ଏହା ନିକଟ ଅତୀତରେ ଘଟିଥିବା ଅନେକ ସତ ଘଟଣା ଭିତରୁ ଗୋଟିଏ । ଏମିତି ଘଟଣା ପ୍ରାୟତଃ ଦୈନିକ ଗଣମାଧ୍ୟମରୁ ଜାଣିବାକୁ ମିଳୁଛି। ଏବେ ଇଂଟରନେଟ୍ ଏବଂ ମୋବାଇଲ ମାଧ୍ୟମରେ ଠକେଇ ଅତି ସାଧାରଣ କଥା ହୋଇଗଲାଣି। ଯେଉଁମାନେ ଏସବୁ ବାବଦରେ ଆଦୌ ସଚେତନ ନାହାଁନ୍ତି ସେମାନେ ତ ଠକାମିର ଶିକାର ହେଉଛନ୍ତି, ମାତ୍ର ଚିନ୍ତାର କଥା ହେଲା ଯେଉଁମାନଙ୍କୁ ସଚେତନ ବର୍ଗର ବୋଲି ଆମେ ଭାବିଥାଉ ସେମାନେ ବି ଏଥିରୁ ବାଦ୍ ପଡୁନାହାଁନ୍ତି । କାରଣ ହେଲା- ଗୋଟିଏ ପ୍ରକାର ଠକେଇ ବାବଦରେ ଲୋକମାନେ ସଚେତନ ହେବାପରେ ଠକମାନେ ଆହୁରି ନୂଆ ନୂଆ ବାଗ ବା ଉପାୟ ଆପଣାଉଛନ୍ତି। ଆଉ ଏକ ଆଶ୍ଚର୍ଯ୍ୟର ବିଷୟ ହେଲା- ନିଜର ଚିହ୍ନା ପରିଚିତ ଲୋକମାନଙ୍କୁ ଶହେ ଟଙ୍କା ଦେବାକୁ ଭରସା କରିପାରୁନଥିବା ଲୋକଟିଏ ଆଦୌ ଚିହ୍ନି ନଥିବା, ଜାଣିନଥିବା ଲୋକ ବା ସଂସ୍ଥାକୁ ଲକ୍ଷ ଲକ୍ଷ ଟଙ୍କା ମଧ ଦେଇଦେବାକୁ ପଛାଉନାହିଁ। ଠକ ତ ତା' କାମ କରିବ, ସେମାନଙ୍କୁ ଧରିବା ପାଇଁ ଆଇନ ବି ତା' ବାଟରେ ଯିବ। ହେଲେ ଲୋକମାନେ ଏହି ମାୟାଜାଲରେ ପଡ଼ିବାର ବଡ଼ କାରଣ ହେଲା ଲୋଭ । ରାତାରାତି କୋଟିପତି ବା ଅଳ୍ପଦିନରେ, ଅଳ୍ପ ନିବେଶରେ ଅଧିକ ଲାଭର ଲୋଭ ହିଁ ଶେଷକୁ ଅର୍ଥହାନି ଆଉ ପ୍ରାଣପୀଡ଼ାର କାରଣ ପାଲଟୁଛି।

ବିଭିନ୍ନ ନୀତିଶାସ୍ତ୍ରରେ ଲୋଭକୁ ପାପର କାରଣ, ବିନାଶର କାରଣ ବୋଲି କୁହାଯାଇଛି। ଲୋଭକୁ କେନ୍ଦ୍ର କରି ଅନେକ ଶିକ୍ଷଣୀୟ ଗଳ୍ପ ସୃଷ୍ଟି କରାଯାଇଛି । ମଣିଷର ଚେତନା ଏବଂ ଆତ୍ମିକ ବିକାଶରେ ବାଧକ ସାଜୁଥିବା ରିପୁ ବା ଶତ୍ରୁମାନଙ୍କ ମଧ୍ୟରେ ଲୋଭ ଏକ ପ୍ରମୁଖ ଶତ୍ରୁ । ମାତ୍ର ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିଲେ ସଂସାରର ପ୍ରତ୍ୟେକ ମଣିଷ ଅଳ୍ପବହୁତେ ଲୋଭର ଶିକାର ହୋଇଥାନ୍ତି। ଧନସମ୍ପଦ ବା ଅର୍ଥ ରୋଜଗାରକୁ ନେଇ ଲୋଭ, ଖାଦ୍ୟପାନୀୟକୁ ନେଇ ଲୋଭ ଇତ୍ୟାଦି ଏମିତି ଅନେକ କ୍ଷେତ୍ରରେ ଦୈନନ୍ଦିନ ଜୀବନରେ ମଣିଷ ଲୋଭ ହାବୁଡ଼ରେ ପଡ଼େ। ହୁଏତ ମଣିଷର ବସ୍ତୁବାଦୀ ବିକାଶଧାରାରେ କେଉଁଠି ନା କେଉଁଠି ଲୋଭର ଭୂମିକା ରହିଛି ଯାହାକୁ ସମ୍ପୂର୍ଣ୍ଣ ଏଡ଼ାଇଯିବା ସମ୍ଭବ ନୁହେଁ। ମାତ୍ର ସେହି ଲୋଭର ସୀମା ଆଉ ପରିମାଣ ସେହି ସ୍ତରରେ ପହଁଚିବା ଉଚିତ୍ ନୁହେଁ, ଯାହାଦ୍ୱାରା ପରିଣାମଟା ଅତ୍ୟନ୍ତ ପୀଡ଼ାଦାୟକ ଏବଂ ଜୀବନହାନିକାରକ ହୋଇପଡ଼ିବ। ଏଇଥିପାଇଁ ବୋଧହୁଏ ଲୋଭକୁ ପାପର କାରଣ ବୋଲି କୁହାଯାଇଛି। ଲୋଭଜନିତ ପାପଦ୍ୱାରା ମଣିଷ କୌଣସି କାଳ୍ପନିକ ନର୍କଯନ୍ତ୍ରଣା ଭୋଗେନାହିଁ ବରଂ ଉପରବର୍ଣ୍ଣିତ ନରେଶ ବାବୁଙ୍କ ଭଳି ଯେଉଁ ଆତ୍ମଦହନ, ପଶ୍ଚାତାପ ଆଉ ଅପରାଧବୋଧ ଭିତରେ ହନ୍ତସନ୍ତ ହେବାକୁ ପଡ଼େ ତାହା ହିଁ ସେହି ପାପର ପ୍ରତ୍ୟକ୍ଷ କୁଫଳ।

# ଓଡ଼ିଶୀ ନୃତ୍ୟର କିଂଚିତ ରାଜନୈତିକ ଇତିବୃତ

**କେଦାର ମିଶ୍ର**

ଓଡ଼ିଶୀ ନା ଓରିଶୀ ? ଓଡ଼ିଶୀ ଏକ ପାରମ୍ପରିକ ନୃତ୍ୟ ନା ଶାସ୍ତ୍ରୀୟ ? ଓଡ଼ିଶୀକୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବା ପାଇଁ ସଙ୍ଗୀତ ନାଟକ ଏକାଡେମୀର ପ୍ରକ୍ରିୟା କାହିଁକି ଏତେ ଏତେ ମନ୍ଥର ? ଭାରତ ସରକାର କାହିଁକି ଓଡ଼ିଶୀ ନୃତ୍ୟର ପଥଦର୍ଶକ କାଳୀଚରଣ ପଟ୍ଟନାୟକଙ୍କ ମତାମତକୁ ଯଥୋଚିତ ଗୁରୁତ୍ୱ ଦେଉନାହାନ୍ତି ? 'ସାପ୍ରୁ ହାଉସ'ରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଇନ୍ଦ୍ରାଣୀ ରେହମାନଙ୍କ କଳାନୈପୁଣ୍ୟ ଦେଖିବାକୁ ମନ୍ତ୍ରୀ ମହୋଦୟ ସେଠାକୁ ଯିବାକୁ ପସନ୍ଦ କରିବେ କି ? ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ନିଷ୍ପତି ପାଇଁ ଗଠିତ କମିଟିରେ ଯେଉଁ ମନ୍ତ୍ରୀ ସଦସ୍ୟ ଅଛନ୍ତି ସେ ନା ତ ଜଣେ କଳାକାର ନା ଓଡ଼ିଶାର କଳା ସମ୍ପର୍କରେ ତାଙ୍କର କୌଣସି ଧାରଣା ରହିଛି। ତଥାପି ତାଙ୍କୁ ସେହି କମିଟିରେ କାହିଁକି ରଖାଯାଇଛି ?

୧୯୫୯ ମସିହା ଏପ୍ରିଲ୍ ୨ ତାରିଖରେ ଉପରୋକ୍ତ ପ୍ରଶ୍ନଗୁଡ଼ିକ ଲୋକସଭା ଗୃହରେ ଉଠିଥିଲା। ଏହିସବୁ ପ୍ରଶ୍ନ ଉତ୍‌ଥାପନ କରିଥିଲେ ଓଡ଼ିଶାରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ସଦସ୍ୟମାନେ। ବୋଧହୁଏ କୌଣସି ନୃତ୍ୟ ବିଷୟରେ ଦୀର୍ଘ ସମୟ ଧରି ବିତର୍କ ହେବା ଲୋକସଭା ଇତିହାସରେ ଏହା ଥିଲା ପ୍ରଥମ। ଓଡ଼ିଶାର ପାଂଚଜଣ ସାଂସଦ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ସଂଘର୍ଷ କରୁଥିବା ଓଡ଼ିଶୀ ନୃତ୍ୟ ବିଷୟରେ ସଂସଦରେ ବିସ୍ତୃତ ଆଲୋଚନା କରିଥିଲେ। ସେହି ସଦସ୍ୟମାନେ ଥିଲେ କାଳାହାଣ୍ଡି ସାଂସଦ ପ୍ରତାପ କେଶରୀ ଦେଓ, ଭୁବନେଶ୍ୱର ସାଂସଦ ନରସିଂହ ଚରଣ ସାମନ୍ତସିଂହାର, ପୁରୀ ସାଂସଦ ଚିନ୍ତାମଣି ପାଣିଗ୍ରାହୀ, କେନ୍ଦ୍ରାପଡ଼ା ସାଂସଦ ବୈଷ୍ଣବ ଚରଣ ମଲ୍ଲିକ ଏବଂ ଢେଙ୍କାନାଳ ସାଂସଦ ସୁରେନ୍ଦ୍ର ମହାନ୍ତି। ଓଡ଼ିଶୀକୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ତାଲିକାରେ ସାମିଲ୍ କରିବା ପାଇଁ ଉପରୋକ୍ତ ସାଂସଦମାନେ ତତ୍କାଳୀନ ବୈଜ୍ଞାନିକ ଗବେଷଣା ଓ ସଂସ୍କୃତି ବ୍ୟାପାର କେନ୍ଦ୍ରମନ୍ତ୍ରୀ ଡ. ହୁମାୟୁନ୍ ? ? କବୀରଙ୍କ ସମ୍ମୁଖରେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ।

କଳାହାଣ୍ଡିର ସଦସ୍ୟ ପି.କେ ଦେଓଙ୍କ ଦ୍ୱାରା ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା, ଯେଉଁଥିରେ ଲେଖାଥିଲା – 'ମୁଁ ଓରିସି ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଭାବରେ ସ୍ୱୀକୃତି ଦେବା ପାଇଁ ଅନୁରୋଧ କରୁଛି।' କହିବା ବାହୁଲ୍ୟ ଯେ ସେହି ନିର୍ଦ୍ଦିଷ୍ଟ ସମୟରେ ଓଡ଼ିଶୀ (ଓରିସି, ଓରିଶୀ) ବିଷୟରେ ଅବଶିଷ୍ଟ ଭାରତରେ ପ୍ରାୟତଃ ଧାରଣା ନଥିଲା। ଏହା ଏକପ୍ରକାର ଅଜ୍ଞାତ ନୃତ୍ୟ କଳା ଥିଲା। ଓଡ଼ିଆ ସାଂସଦମାନଙ୍କର ରାଜନୈତିକ ଇଚ୍ଛାଶକ୍ତି ଓ ଅଦମ୍ୟ ନିଷ୍ଠା ହିଁ ଓଡ଼ିଶାର ଏହି ପାରମ୍ପରିକ ନୃତ୍ୟ ରୂପକୁ ଭାରତର ଏକ ପ୍ରାଧାନ୍ୟ ଶାସ୍ତ୍ରୀୟ ନୃତ୍ୟ ରୂପ ଭାବରେ ପ୍ରତିଷ୍ଠିତ କରିପାରିଥିଲା। ଦୁର୍ଭାଗ୍ୟବଶତଃ, ଓଡ଼ିଶୀକୁ ମର୍ଯ୍ୟାଦାବନ୍ତ କରିବା ପାଇଁ ଲୋକସଭାରେ ହୋଇଥିବା ଏହି ନିର୍ଦ୍ଦିଷ୍ଟ ବିତର୍କକୁ ଆମର ଅଧିକାଂଶ ଓଡ଼ିଶୀ ନୃତ୍ୟ ଇତିହାସକାରମାନେ ଉପେକ୍ଷା କରିଛନ୍ତି। ନିକଟରେ ଆମେରିକାରେ ରହୁଥିବା ଜଣେ ଭାରତୀୟ ନୃତ୍ୟଶିଳ୍ପୀ ତଥା ନୃତ୍ୟ ବିଦ୍ୱାନ ଅନୁରିମା ବାନାର୍ଜୀ ତାଙ୍କ ପୁସ୍ତକ 'ଡ୍ୟାନ୍‌ସିଂ ଓଡ଼ିଶୀ: ପାରାଟୋପିକ୍ ପରଫରମାନ୍‌ସ ଅଫ୍ ଜେଣ୍ଡର ଆଣ୍ଡ ଷ୍ଟେଟ୍ (ସିଗୁଲ୍ ବୁକ୍-୨୦୧୯)ରେ ଏହି ବିତର୍କ ବିଷୟରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି। ଲୋକସଭାରେ ଓଡ଼ିଶୀ ସମ୍ପର୍କରେ ହୋଇଥିବା ଉପରୋକ୍ତ ବିତର୍କ ସମ୍ପର୍କିତ ନଥିର ନକଲ ଅନୁରିମା ମୋତେ ଦେଇଥିଲେ। କିନ୍ତୁ ମୋ କମ୍ପ୍ୟୁଟରରେ ଥିବା ବିଶାଳ ତଥ୍ୟ ଜଙ୍ଗଲ ଭିତରେ ଏହା ଏକପ୍ରକାର ହଜିଯାଇଥିଲା। ଦୈବାତ୍ ଦିନେ ମୁଁ ଏହି ମୂଲ୍ୟବାନ ଦଲିଲକୁ ପାଇଁ ଖୋଲିଲି ଏବଂ ଗଭୀର ଭାବରେ ଅନୁଧ୍ୟାନ କଲି। ଏହା ମୋ ମନରେ ଓଡ଼ିଶୀ ନୃତ୍ୟର ଅନେକ ସାମାଜିକ-ରାଜନୈତିକ ଦିଗ ପ୍ରତି ଆଲୋକପାତ କଲା। ଏ ସମ୍ପର୍କରେ ଅଧିକ ଅଧ୍ୟୟନ, ଗବେଷଣା ଆବଶ୍ୟକ। ଏଥିସହିତ ଓଡ଼ିଶୀ ନୃତ୍ୟର ଐତିହ୍ୟରେ ଉପରୋକ୍ତ ବିତର୍କ ଏକ ଅଂଶ ଭାବେ ସାମିଲ୍ ହେବା ଉଚିତ।

ଲୋକସଭାରେ ଏହି ବିତର୍କ ହେବା ପୂର୍ବରୁ ୧୯୫୪ ମସିହା ନଭେମ୍ବର ମାସର ପ୍ରଥମ ସପ୍ତାହରେ ନୂଆଦିଲ୍ଲୀର ଟାଲ୍‌କୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ପ୍ରିୟମ୍ବଦା ମହାନ୍ତି ଏବଂ ଧୀରେନ୍ଦ୍ର ନାଥ ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟ ପରିବେଷଣ ହେବା ଏହା ଥିଲା ପ୍ରଥମ। ସେତେବେଳେ ପ୍ରିୟମ୍ବଦା ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ଏବଂ ସେହି ବିଶ୍ୱବିଦ୍ୟାଳୟରୁ ଯୁବ ମହୋତ୍ସବରେ ପ୍ରତିନିଧିତ୍ୱ କରିଥିଲେ। ସେ ପୁଣି ଥରେ ୧୯୫୬ ମସିହା ଅକ୍ଟୋବର ମାସ ଶେଷ ସପ୍ତାହରେ ଏହି ଉତ୍ସବରେ ଭାଗ ନେଇଥିଲେ।

ଯେଉଁଦିନ ଲୋକସଭାରେ ଓଡ଼ିଶୀ ନୃତ୍ୟ ବିଷୟରେ ବିତର୍କ ହେଉଥିଲା, ସେହିଦିନ ସନ୍ଧ୍ୟାରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟାଙ୍ଗନା ଇନ୍ଦ୍ରାଣୀ ରେହମାନ ସାପ୍ରୁ ହାଉସରେ ତାଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସାଂସଦ ପି.କେ ଦେଓଙ୍କ ଦ୍ୱାରା ଏ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି। ଲୋକସଭା ବିତର୍କ ଶେଷରେ ପି.କେ ଦେଓ କହିଥିଲେ ଯେ, ୧୯୫୦ ମସିହାର ମିସ୍ ଇଣ୍ଡିଆ ଶ୍ରୀମତୀ ଇନ୍ଦ୍ରାଣୀ ରେହମାନ୍‌ଙ୍କ ଦ୍ୱାରା ଓଡ଼ିଶୀ ଲୋକଲୋଚନକୁ ଆସିଛି। ସେ ଏ ଦିଗରେ ଚମତ୍କାର କାର୍ଯ୍ୟ କରିଛନ୍ତି ଏବଂ ସେ ଆମ ସମସ୍ତଙ୍କ ଧନ୍ୟବାଦର ପାତ୍ର। ସେ ଆଜି ସାପ୍ରୁ ହାଉସରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। ମୁଁ ଅନୁରୋଧ କରୁଛି ସଦସ୍ୟମାନେ ସାପ୍ରୁ ହାଉସ ଯାଇ ଓଡ଼ିଶୀ ନୃତ୍ୟ ଦେଖନ୍ତୁ ଏବଂ ଏହା ଭାରତୀୟ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ଯୋଗ୍ୟ କି ନୁହେଁ ତାହା ଚିନ୍ତା କରନ୍ତୁ। ଭାରତର ସଂସଦ ଇତିହାସରେ କେବଳ ଶାସ୍ତ୍ରୀୟ ନୃତ୍ୟ ଉପରେ ହୋଇଥିବା ବିତର୍କ ବିରଳ। ଏକ ପ୍ରାଚୀନ ନୃତ୍ୟ ରୂପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରାଜ୍ୟର ନିର୍ବାଚିତ ସଦସ୍ୟଙ୍କ ଉତ୍ସାହ ଓ ଯୋଗଦାନ ବିଶେଷ ଉଲ୍ଲେଖଯୋଗ୍ୟ।

# ବେଗମ୍ ଜାହାନଆରା ଶାହାନୱାଜ୍ ; ଭାରତୀୟ ମହିଳା ମାନଙ୍କ ଅଧୀକାରର ଧ୍ୱଜବାହକ

**ରେଶ୍ମା ଫାତିମା**

ଲୋକସଭାରେ ମହିଳା ଆରକ୍ଷଣ ବିଲ୍ ପାସ୍ ହେବା ପରେ ଦେଶରେ ଥିବା ଉତ୍ସାହର ବାତାବରଣ ମ୍ଦରେ, ଆମେ ଇତିହାସ ପୃଷ୍ଠାକୁ ମ୍ଦ ଲେଉଟାଇ ଦେଖିବା ଉଚିତ୍ ଓ ସେହି ନାମ ମାନଙ୍କୁ ସ୍ମରଣ କରିବା ଉଚିତ୍ ଯେଉଁ ମାନେ ମହିଳା ସଶକ୍ତିକରଣ କ୍ଷେତ୍ରରେ, ଭୋଟ୍ ଦେବାର ଅଧୀକାର ପାଇଁ ଉଲ୍ଲେଖନୀୟ ଅବଦାନ ଦେଇ ମଧ୍ୟ ଏବେ ବିସ୍ମୃତ ହୋଇଯାଇଛନ୍ତି। ଏହିପରି ଜଣେ ମହାନ ମହିଳା ଥିଲେ ବେଗମ୍ ଜାହାନୂଆରା ଶାହାନୱାଜ୍। ଯେତେବେଳେ ମହିଳା ମାନେ ଅବହେଳିତ ତଥା ତାଙ୍କ ଘର ରୁଦ୍ଧ ହୋଇରହିଥିଲା, ସେତେବେଳେ ବେଗମ୍ ଜାହାନ୍‌ଆରା ଶାହାନୱାଜ୍, ଭାରତୀୟ ମହିଳା ମାନଙ୍କର ଭୋଟ ଦେବା ଅଧୀକାର ପାଇଁ ସର ଉତ୍ତୋଳନ କରିଥିଲେ। ଅଲ୍ ଇଣ୍ଡିଆ ମହିଳା କମିଶନ୍‌ର ସଦସ୍ୟ ଭାବରେ ସେ ୧୯୨୭ ମସିହାରେ ସାଇମନ୍ କମିଶନ୍‌ର ସମ୍ମୁଖରେ, ମହିଳାଙ୍କ ପାଇଁ ଭୋଟ୍ ଦେବାର ଅଧୀକାର ତଥା ପ୍ରୋଭିନ୍‌ସିଆଲ ବିଧାନସଭାରେ ମହିଳାମାନଙ୍କ ସଂରକ୍ଷଣ ପାଇଁ ତାଙ୍କ ପକ୍ଷ ରଖିଥିଲେ। ସେ ତାଙ୍କର ପ୍ରଚେଷ୍ଟା ଜାରି ରଖି ଗୋଲ ଟେବୁଲ ବୈଠକରେ ମଧ୍ୟ ମହିଳା ମାନଙ୍କ ଅଧୀକାର ପାଇଁ ସର ଉତ୍ତୋଳନ କରି, ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଆର୍ନ୍ତଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ଅନେକ ବିରୋଧ ସତ୍ତ୍ୱେ, ଜାହାନ୍‌ଆରା ବେଗମ୍ ନିର୍ଭିକତା ସହ ମହିଳାଙ୍କ ପାଇଁ ଭୋଟ ଦେବାର ସମାନତା ଅଧୀକାର ଓ କେତେକ ସତନ୍ତ୍ର ସୁବିଧା ପାଇଁ ଦାବୀ କରିଥିଲେ। କାରଣ ସେ ଜାଣିଥିଲେ ମହିଳା ମାନେ ଦେଶର ଭାଗ୍ୟ ନିର୍ଧାରଣ ପାଇଁ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ଇଂଲଣ୍ଡରେ ତାଙ୍କର ରହଣିକାଳରେ, ସେ ଭାରତୀୟ ମହିଳାମାନଙ୍କ ଭୋଟ ଦେବାର ଅଧିକାର ପାଇଁ ଅନେକ ଉଦ୍ୟମ ଚଳାଇଥିଲେ ଓ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମର୍ଥନ ମଧ୍ୟ ହାସଲ କରିଥିଲେ। ତାଙ୍କର ଏହି ନିରନ୍ତର ପ୍ରୟାସ, ଗର୍ଭନମେଣ୍ଟ ଅଫ୍ ଇଣ୍ଡିଆ ଆଇନ-୧୯୩୫ ରେ ପ୍ରତିଫଳିତ ହୋଇଥିଲା। ଏହି ଐତିହାସିକ ନିୟମ ଦ୍ୱାରା ପାଖାପାଖି ଛଅ ଲକ୍ଷ ମହିଳାଙ୍କୁ ଭୋଟ୍ ଦେବାର ଅଧୀକାର ମିଳିଥିଲା ଓ ତତ୍‌କାଳିନ ପ୍ରୋଭିନ୍‌ସିଆଲ ବିଧାନ ସଭାରେ ସଂରକ୍ଷଣ ମଧ୍ୟ ମିଳିଥିଲା। ଏହା ଏକ ଐତିହାସିକ ବିଜୟ ଥିଲା, ଯାହା ଫଳରେ ୮୦ ଜଣ ମହିଳା, ୧୯୩୭ ନିର୍ବାଚନ ସମୟରେ ପ୍ରୋଭିନ୍‌ସିଆଲ ବିଧାନ ସଭା ଗୁଡିକୁ ନିର୍ବାଚିତ ହୋଇଥିଲେ। ଭୋଟ ପାଇଁ ଅଧିକାର ବ୍ୟତୀତ, ଜାହାନଆରା ତାଙ୍କ ସଂଘର୍ଷ ଅନ୍ୟକ୍ଷେତ୍ରରେ ମଧ୍ୟ ଜାରି ରଖିଥିଲେ। ବାଳିକା ବିବାହ ନିଷେଧ ଆଇନ-୧୯୨୯ ପ୍ରଣୟନ ପାଇଁ ମ୍ଦ ତାଙ୍କର ଅନେକ ଅବଦାନ ଥିଲା। ଏହି ଆଇନ ବଳରେ ବାଳିକା ମାନଙ୍କ ସର୍ବନିମ୍ନ ବିବାହ ବୟସକୁ ବୃଦ୍ଧି କରାଯାଇଥିଲା, ଯାହାଦ୍ୱାରା ଦେଶରେ ଅନେକ ବାଳିକା ଉପକୃତ ହୋଇଥିଲେ। ଏହା ସହିତ ସେ ସ୍ୱାସ୍ଥ୍ୟ ସମସ୍ୟା, ମହିଳାଙ୍କ ନିମ୍ନ ଆୟୁ ଓ ତାଙ୍କ ସଶକ୍ତିକରଣ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ କରିଥିଲେ।

ବର୍ତ୍ତମାନ ସଂସଦ ଓ ବିଧାନ ସଭାରେ ମହିଳା ମାନଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ବ୍ୟବସ୍ଥା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ଅଟେ। ମହିଳା ସଶକ୍ତିକରଣ ପାଇଁ ଦୀର୍ଘ ପ୍ରତିକ୍ଷିତ ଏହି ପଦକ୍ଷେପ, ଦେଶ ନିର୍ମାଣରେ ମହିଳା ମାନଙ୍କ ଯୋଗଦାନକୁ ମାନ୍ୟତା ପ୍ରଦାନ କରୁଛି। କିନ୍ତୁ ଅବହେଳିତ ସଂଖ୍ୟାଲଘୁ ସମୁଦାୟର ମହିଳା ମାନଙ୍କୁ ମଧ୍ୟ ସଂସଦ ଓ ବିଧାନସଭାରେ ସଂରକ୍ଷଣ ପ୍ରଦାନକଲେ, ଏହି ପଦକ୍ଷେପ ଆହୁରି ପ୍ରଭାବଶାଳୀ ହେବ। କାରଣ ଏହାଦ୍ୱାରା ମୁସଲିମ୍ ମହିଳା ମାନଙ୍କ ଆଶା ଅକାଂକ୍ଷା ଓ ଶକ୍ତିକୁ ପରିଚୟ ଦେବା ପାଇଁ ଏକ ସଠିକ୍ ମଞ୍ଚ ମିଳି ପାରିବ। ଯଦିଓ ବର୍ତମାନର ପୁରୁଷକେନ୍ଦ୍ରିକ ସମାଜ ବେଗମ ଜାହାନଆରାଙ୍କ ଅବଦାନକୁ ଭୁଲି ଯାଇଛି, କିନ୍ତୁ ସେ ଧୈର୍ଯ୍ୟ ଓ ପ୍ରତିବଦ୍ଧତାର ପ୍ରତୀକ ଥିଲେ। ତାଙ୍କର କାର୍ଯ୍ୟ ଆମକୁ ମନେ ପକାଇ ଦେଇଥାଏ, ଯେ ଲିଙ୍ଗଭିତ୍ତିକ ସମାନତାର ପ୍ରତ୍ୟେକ ପଦକ୍ଷେପ ଏକ ବିଜୟଗାଥା ଅଟେ, ଏବଂ ମହିଳାଙ୍କ ଅଧୀକାର ସମ୍ବନ୍ଧୀୟ ସଂଘର୍ଷ ଏକ ନିରନ୍ତର ପ୍ରକ୍ରିୟା ଅଟେ, ଯାହା ପାଇଁ ସଂକଳ୍ପ ଓ ସମର୍ପଣଭାବ ଏକାନ୍ତ ଆବଶ୍ୟକ ଅଟେ।

*ଆର୍ନ୍ତଜାତୀୟ ସମ୍ପର୍କ ବିଭାଗ*
*ଜୱାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ*

# ଓଡ଼ିଶା ଅର୍ଥନୀତିରେ ବିକାଶର ନୂତନ ଧାରା

**ଡକ୍ଟର ଦିଲ୍ଲୀପ ରାୟ**

ଓଡ଼ିଶା ଅର୍ଥନୀତିର ଏକ ବିଶେଷତ୍ୱ ରହିଛି। ଅତୀତର ଅନଗ୍ରସରତା, ବର୍ତମାନର ପ୍ରଗତିଶୀଳତା ଏବଂ ଭବିଷ୍ୟତର ବିକାଶ ପରିକଳ୍ପନା ପାଇଁ ଓଡ଼ିଶା ଏକ ଚର୍ଚ୍ଚିତ ରାଜ୍ୟ। ନିୟମିତ ପ୍ରାକୃତିକ ବିପର୍ଯ୍ୟୟ, ଦାରିଦ୍ର୍ୟ, ରକ୍ଷଣଶୀଳ ଓ ନିମ୍ନଗାମୀ ଅର୍ଥନୈତିକ ଅଭିବୃଦ୍ଧି ହାର, କ୍ଷେତ୍ରୀୟ ଉତ୍ପାଦରେ ସ୍ଥାଣୁତା ଏବଂ ମୁଣ୍ଡପିଛା ଆୟ ହ୍ରାସ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଓଡ଼ିଶାର ଅର୍ଥନୀତି ଅନୁନ୍ନତ ଥିଲା। କିନ୍ତୁ ସାମ୍ପ୍ରତିକ ଓଡ଼ିଶାର ସ୍ଥିତି ଭିନ୍ନ। ବିଗତ ଦଶନ୍ଧିଠାରୁ ରାଜ୍ୟର ବିକାଶଧାରା ସ୍ପଷ୍ଟ ହେଉଛି।

ଚଳିତ ବର୍ଷ ବଜେଟ ଅଧିବେଶନରେ ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାର ଆୟର ଆଗୁଆ ଆକଳନ ଏବଂ ଗତ ତିନିବର୍ଷର ଆୟର ସଂଶୋଧିତ ମୂଲ୍ୟାୟନ ପ୍ରକାଶିତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ଆକଳନ ଅନୁଯାୟୀ ୪୬୧.୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାର ସମଗ୍ର ରାଜ୍ୟ ଉତ୍ପାଦ ୭୬୬ ହଜାର କୋଟି ଟଙ୍କା ରହିଛି। କୃଷି, ଶିଳ୍ପ ଓ ସେବାର କ୍ଷେତ୍ରୀୟ ଭାଗ ଯଥାକ୍ରମେ ୨୨.୫ , ୪୧.୩ ଓ ୩୬.୨ ପ୍ରତିଶତ ଏବଂ ମୁଣ୍ଡପିଛା ଆୟ ୧,୫୦,୬୭୬ ଟଙ୍କା ଆକଳନ କରାଯାଇଛି। ଏଥିସହିତ ଓଡ଼ିଶାର ଅଭିବୃଦ୍ଧି ହାର (ସ୍ଥିର ଦରରେ) ୭.୮ ପ୍ରତିଶତ ଆକଳନ କରାଯାଇଛି।

ଆକଳନ ତଥ୍ୟ ପରିବର୍ତନଶୀଳ। ବାସ୍ତବ ତଥ୍ୟର ଅଭାବରେ କ୍ଷେତ୍ର ସମ୍ପର୍କିତ ସ୍ୱଳ୍ପ ତଥ୍ୟ, ସୂଚନାଙ୍କ, ଅନୁପାତ, ଅନୁମାନ ବିଶ୍ଳେଷଣକୁ ଆଧାର ନକରି ଅଭିବୃଦ୍ଧିର ଆଗୁଆ ଆକଳନ କରାଯାଏ। ପରବର୍ତୀ ବର୍ଷରେ ବିସ୍ତୃତ ବାସ୍ତବ ତଥ୍ୟ ଉପରେ ସଂଶୋଧିତ ମୂଲ୍ୟାୟନ ହୁଏ, ଯାହାକି ଆକଳନ ମୂଲ୍ୟଠାରୁ ଭିନ୍ନ ହୋଇଥାଏ। ଉଦାହରଣ ସ୍ୱରୂପ ୨୦୨୧-୨୨ ଆର୍ଥିକବର୍ଷରେ ଓଡ଼ିଶାର ଅଭିବୃଦ୍ଧି ହାରର ଆଗୁଆ ଆକଳନ ୧୦.୧ ପ୍ରତିଶତ ରହିଥିଲା, ଯାହାକି ୧୧.୫ ପ୍ରତିଶତ ହିସାବରେ ସଂଶୋଧିତ ହୋଇଛି। ଏହି ଦୃଷ୍ଟିକୋଣରୁ ୨୦୨୧-୨୨ର ସଂଶୋଧିତ ରାଜ୍ୟ ଆୟ ଓଡ଼ିଶାର ଅର୍ଥନୀତିର ପ୍ରକୃଷ୍ଟ ଚିତ୍ର ଉପସ୍ଥାପନ କରେ। ୨୦୨୧-୨୨ରେ ଓଡ଼ିଶାରେ ୬୬୧.୪ ହଜାର କୋଟି ଟଙ୍କା ରାଜ୍ୟ ଉତ୍ପାଦ, ୧ ଲକ୍ଷ ୨୯ ହଜାର ଟଙ୍କା ମୁଣ୍ଡପିଛା ଆୟ, ୨୬ ପ୍ରତିଶତ ମୁଣ୍ଡପିଛା ଆୟ ବୃଦ୍ଧି ଓ ୧୧.୫ ପ୍ରତିଶତ ଅଭିବୃଦ୍ଧି ହାର ଓଡ଼ିଶାକୁ ଏକ ସୁଦୃଢ଼ ଅର୍ଥନୀତି ଓ ପ୍ରଗତିଶୀଳ ରାଜ୍ୟର ପରିଚୟ ଦେଇଛି। ୨୩ ପ୍ରତିଶତ କୃଷି, ୪୧ ପ୍ରତିଶତ ଶିଳ୍ପ ଓ ୩୬ ପ୍ରତିଶତ ସେବାର କ୍ଷେତ୍ରୀୟ ଅବଦାନ ସହିତ ଓଡ଼ିଶା ଜାତୀୟସ୍ତରର କ୍ଷେତ୍ରୀୟ ଭାଗ ସହ ତୁଳନାତ୍ମକ ଭାବେ ସମକକ୍ଷ ହୋଇଛି।

ଷାଠିଏ ଦଶକରେ ରାଜ୍ୟ ଉତ୍ପାଦର ୬୦ରୁ ଅଧିକ ପ୍ରତିଶତ କୃଷି କ୍ଷେତ୍ରୀୟ ଅବଦାନ ସହ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟର ମାନ୍ୟତା ପାଇଥିଲା। କୃଷି ଓଡ଼ିଶାବାସୀଙ୍କ ଜୀବନଧାରା ଥିଲା। କୃଷି ଉତ୍ପାଦନ, ବିଶେଷକରି ଧାନ ଫସଲ, ରାଜ୍ୟର ଅଭିବୃଦ୍ଧି ହାରକୁ ପ୍ରଭାବିତ କରୁଥିଲା। ସମୟକ୍ରମେ ଶିଳ୍ପାୟନ, ଆର୍ଥିକ, ନିଯୁକ୍ତି, ପରିବହନ, ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ସାମାଜିକ ଆଦି କ୍ଷେତ୍ର ସମୂହର ନିରନ୍ତର ପ୍ରସାରଣ ଓ ବିକାଶ ଯୋଗୁଁ ରାଜ୍ୟର ସାମଗ୍ରିକ ଶିଳ୍ପ ଓ ସେବା କ୍ଷେତ୍ରର ମୂଲ୍ୟଯୁକ୍ତ ଅବଦାନ ୭୭ ପ୍ରତିଶତକୁ ବୃଦ୍ଧି ପାଇବା ସହିତ କୃଷି କ୍ଷେତ୍ରର ଆନୁପାତିକ ଭାଗ ୨୩ ପ୍ରତିଶତକୁ ସଂକୁଚିତ ହୋଇଛି। ଅବଶ୍ୟ ଏତଦ୍ୱାରା ରାଜ୍ୟର ଅଭିବୃଦ୍ଧି ହାର ତ୍ୱରାନ୍ୱିତ ହୋଇଛି। ଅର୍ଥନୈତିକ ବିକାଶଧାରା ଦୃଷ୍ଟିରୁ ସମ୍ପ୍ରତି ଓଡ଼ିଶା ପାରମ୍ପରିକ 'କୃଷିପ୍ରଧାନ' ରାଜ୍ୟରୁ 'ଶିଳ୍ପପ୍ରଧାନ' ଓ 'ସେବାପ୍ରଧାନ' ରାଜ୍ୟଭାବେ ପରିବର୍ତିତ ମାନ୍ୟତା ପାଇଛି।

ଆକଳନ ଦୃଷ୍ଟିରୁ କୃଷି କ୍ଷେତ୍ର ସଂକୁଚିତ। ମାତ୍ର ଆକାର ଦୃଷ୍ଟିରୁ ନୁହେଁ। ଓଡ଼ିଶାର ସମସ୍ତ ଶ୍ରମଶକ୍ତିର ୪୯ ଭାଗ, ଗ୍ରାମୀଣ ଶ୍ରମଶକ୍ତିର ୫୬ ଭାଗ ଏବଂ ଗ୍ରାମୀଣ ମହିଳା ଶ୍ରମଶକ୍ତିର ୬୮ ଭାଗ କୃଷି କ୍ଷେତ୍ର ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ। ଡାଲି, ତୈଳବୀଜ, ମସଲା, ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି, କୃଷିଭିତିକ ଶିଳ୍ପ, ଚାଷ କାର୍ଯ୍ୟରେ ଯାନ୍ତ୍ରିକକରଣ, ଉତ୍ପାଦନ ଖର୍ଚ୍ଚ ହ୍ରାସ ଆଦି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ନୀତି ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଚାଷୀକୁଳର ଜୀବିକା ଓ ଆୟ ବୃଦ୍ଧି ସହିତ ରାଜ୍ୟ ଉତ୍ପାଦକୁ ଅଧିକ ଦୃଢ଼ୀଭୂତ କରିବ। ଅପରପକ୍ଷରେ ୨୦୨୧-୨୨ ରେ ଓଡ଼ିଶାର ଶିଳ୍ପ ଉତ୍ପାଦନ ଓ ଖଣି କ୍ଷେତ୍ରର ଅଭିବୃଦ୍ଧି ହାର ଯଥାକ୍ରମେ ୯ ଏବଂ ୨୨ ପ୍ରତିଶତ ରହିଛି। ମାତ୍ର ଏହି ଦୁଇ କ୍ଷେତ୍ରର ଉତ୍ପାଦନରେ ଅନିଶ୍ଚିତତା ଚିନ୍ତାର କାରଣ। ଓଡ଼ିଶାରେ ଶିଳ୍ପ ଉତ୍ପାଦନ ଓ ଖଣିଜ ଉତ୍ପାଦନର ଯୋଗଦାନ ସମଗ୍ର ଶିଳ୍ପକ୍ଷେତ୍ରରେ ଯଥାକ୍ରମେ ୫୨ ଓ ୨୬ ପ୍ରତିଶତ। ବିଶେଷକରି ଧାତୁଭିତିକ ଶିଳ୍ପ ଉତ୍ପାଦନର ଯୋଗଦାନ ୫୬ ପ୍ରତିଶତରୁ ଅଧିକ। ବିଗତ ୧୦ ବର୍ଷ ମଧ୍ୟରେ ଶିଳ୍ପ ଓ ଖଣି କ୍ଷେତ୍ରର ଅଭିବୃଦ୍ଧି ହାର ସର୍ବନିମ୍ନ ବିଯୁକ୍ତ ୧୨ ପ୍ରତିଶତରୁ ସର୍ବାଧିକ ଯୁକ୍ତ ୩୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହାକି ରାଜ୍ୟର ସାମୂହିକ ଅଭିବୃଦ୍ଧି ହାରକୁ ପ୍ରଭାବିତ କରିଛି। ବ୍ୟବସାୟ, ବାଣିଜ୍ୟ, ହୋଟେଲ, ପରିବହନ, ଗୃହ ନିର୍ମାଣ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ର ସମୂହର ରାଜ୍ୟ ଅର୍ଥନୀତିକୁ ଯୋଗଦାନ ପରିମାଣ ୨୮ ପ୍ରତିଶତ ଥିବାବେଳେ ବିକାଶଧାରା ନିମନ୍ତେ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶେଷତଃ ବ୍ୟବସାୟ କ୍ଷେତ୍ରର ୧୪ ପ୍ରତିଶତ ଏବଂ ସାମାଜିକ କ୍ଷେତ୍ରର ୧୪ ପ୍ରତିଶତ ଅଭିବୃଦ୍ଧି ହାର ଓଡ଼ିଶାର ବିକାଶଧାରାକୁ ଅଧିକ କ୍ରିୟାଶୀଳ କରିଛି।

ଅତୀତର ଦାରିଦ୍ର୍ୟ ଓଡ଼ିଶା ଓ ବର୍ତମାନର ଦ୍ରୁତ ବିକାଶଶୀଳ ଓଡ଼ିଶାକୁ ଦୃଷ୍ଟିରେ ରଖି ଭବିଷ୍ୟତର ବିକଶିତ ଓଡ଼ିଶାର ପରିକଳ୍ପନା କରିବା ସ୍ୱାଭାବିକ। 'ଶତାବ୍ଦୀ-ରାଜ୍ୟ ଓଡ଼ିଶା-୨୦୩୬'ର ବିକଶିତ ଯୋଜନା ପ୍ରସ୍ତୁତି ଜାରି ରହିଛି। ରାଜ୍ୟର ବିଶିଷ୍ଟ ଅର୍ଥନୀତିଜ୍ଞ, ଗବେଷକ ଓ ପ୍ରଶାସକମାନଙ୍କ ମିଳିତ ଚିନ୍ତନ ମନ୍ଥନରେ 'ଓଡ଼ିଶା ଭିଜନ -୨୦୩୬' ଚିଠା ରୂପରେଖ ପ୍ରସ୍ତୁତପ୍ରାୟ। ଓଡ଼ିଶାରେ ଉପଲବ୍ଧ ପ୍ରାକୃତିକ, ଆର୍ଥିକ, ମାନବ ସମ୍ବଳ, ଦୀର୍ଘ ମିଆଦୀ ଅଭିବୃଦ୍ଧି ହାର ଆକଳନ, ପୁଞ୍ଜିର ଆବଶ୍ୟକତା ଓ ନିବେଶ ଲକ୍ଷ୍ୟ, ସରକାରୀ ଓ ଘରୋଇ ଉଦ୍ୟୋଗର ସହଯୋଗିତା ଏବଂ ସହଭାଗିତା ଇତ୍ୟାଦିର ବିସ୍ତୃତ ଚିଠା ପ୍ରସ୍ତୁତ ହେଉଛି। ରାଜ୍ୟ ଅର୍ଥନୀତି ଓ ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରମାନଙ୍କ ଶକ୍ତି, ଦୁର୍ବଳତା, ସୁଯୋଗ ଓ ସତର୍କତା ଉପାଦାନ ସମୂହର ସୂଚକାଙ୍କ ସବୁ ତର୍ଜମା କରାଯାଉଛି। ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ଓ ସହନୀୟ ବିକାଶର ବିଚାରକୁ ଗୁରୁତ୍ୱ ଦିଆଯାଇଛି। ଉକ୍ତ ଦୀର୍ଘ ମିଆଦୀ ଚିଠା ଯୋଜନାର ସଫଳ କାର୍ଯ୍ୟକାରିତା ବିଶେଷକରି ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ କ୍ଷେତ୍ରୀୟ ପ୍ରାଧାନ୍ୟ, ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ଦକ୍ଷତା ଉପରେ ନିର୍ଭର କରିବ।

# ଦଉଡ଼ିଡିଆଁରେ ବିଶ୍ୱ ରେକର୍ଡ

ଦୀର୍ଘ ୧୦ ବର୍ଷ ହେଲା ଦଉଡ଼ିଡିଆଁ (ସ୍କିପିଂ)ରେ ରହିଥିବା ବିଶ୍ୱ ରେକର୍ଡକୁ ଜଣେ ଚୀନା କିଶୋର ଭାଙ୍ଗି ଦେଇଛନ୍ତି। ଚୀନ୍‌ର ନିଙ୍ଗବୋ ପ୍ରଦେଶ ଅନ୍ତର୍ଗତ ୟୁୟାଓ ସହରରେ ରହୁଥିବା ଝୋଉ କାଇ ନାମକ ୧୬ ବର୍ଷୀୟ ବାଳକ ଏକ ମିନିଟ୍‌ରେ ୩୭୪ ଥର ସ୍କିପିଂ କରି ଗିନିଜ୍ ବିଶ୍ୱ ରେକର୍ଡରେ ନିଜର ନାମ ଲିପିବଦ୍ଧ କରିଛନ୍ତି।



ପୂର୍ବରୁ ଏହି ରେକର୍ଡ ଜାପାନର ଦାଇସୁକ୍ ମିମୁରାଙ୍କ ନାମରେ ରହିଥିଲା, ଯିଏ ୨୦୨୩ ମସିହାରେ ଏକ ମିନିଟ୍‌ରେ ୩୪୮ ଥର ସ୍କିପିଂ କରିପାରିଥିଲେ। ଝୋଉ କାଇ ସ୍ୱତଃପ୍ରବୃତ ଭାବେ ମିମୁରାଙ୍କ ରେକର୍ଡ ଭାଙ୍ଗିବା ଉଦ୍ୟମରେ ଲାଗିପଡ଼ିଥିଲେ ଏବଂ ଏହାର ପ୍ରଚାର ପ୍ରସାର ପାଇଁ ସେ ବନ୍ଧୁମାନଙ୍କର ସହାୟତା ଲୋଡ଼ିଥିଲେ। ଗିନିଜ୍‌ର ରେକର୍ଡ ପରିଚାଳନା ଦଳ ସହିତ ଅନ୍‌ଲାଇନ୍‌ରେ ଯୋଗାଯୋଗ କରିବା ପରେ ସେ ଦ୍ୱିତୀୟ ପ୍ରୟାସରେ ହିଁ ଏହି ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ତେବେ ପୂର୍ବରୁ ସେ ବିଦ୍ୟାଳୟସ୍ତରୀୟ ଏକ ପ୍ରତିଯୋଗିତାରେ ମିନିଟ୍‌କୁ ୩୯୮ ଥର ସ୍କିପିଂ କରିଥିଲେ ବୋଲି ଜଣାଯାଇଛି, ମାତ୍ର ଏଭଳି ଅପ୍ରତ୍ୟାଶିତ ଘଟଣା ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପାଇଁ ସେତେବେଳେ କୌଣସି ବ୍ୟବସ୍ଥା କରାଯାଇନଥିଲା। ସେ ଦୀର୍ଘ ସାତ ବର୍ଷ ହେଲା ନିଜ ବିଦ୍ୟାଳୟର ସ୍କିପିଂ ଦଳରେ ରହିବା ସହ ପ୍ରଦେଶ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାମାନଙ୍କରେ ଭାଗ ନେଇ ଆସୁଛନ୍ତି। ଏବେ ସପ୍ତାହକୁ ଦୁଇ ଦିନ ପ୍ରଶିକ୍ଷଣ ନେଉଥିବା ଝୋଉ କାଇ ଭବିଷ୍ୟତରେ ନିଜ ପ୍ରଶିକ୍ଷକଙ୍କ ଭଳି ଜଣେ ସ୍କିପିଂ କୋଚ୍ ହେବେ ବୋଲି କହିଛନ୍ତି। ଆଗକୁ ସେ ନିଜର ସ୍କିପିଂ ରେକର୍ଡ ଭାଙ୍ଗିବାକୁ ମଧ୍ୟ ଚେଷ୍ଟ କରିବେ ବୋଲି ଆଶା ରଖିଛନ୍ତି।



# କ୍ୟାଟ୍ରିନାଙ୍କ ପାଇଁ ବର୍ବାଦ ହୋଇଗଲା ମୋ କ୍ୟାରିୟର: ଜରିନ୍

ବର୍ତମାନ ଷ୍ଟାରମାନେ ସୋସିଆଲ ମିଡିଆରେ ପ୍ରଶଂସକଙ୍କ ସହିତ ସିଧାସଳଖ ସଂଯୋଗ କରିବା ସହ ଆସ୍କ ମି କ୍ୱୋଚିନ୍ ସେସନ କରନ୍ତି। ଏଭଳି ଏକ ଲୋକପ୍ରିୟ ପ୍ଲାଟଫର୍ମ ରେଡ୍ଡିଟରେ ବଲିଉଡ ଅଭିନେତ୍ରୀ ଜରିନ୍ ଖାନ୍ ତାଙ୍କ ପ୍ରଶଂସକଙ୍କ ସହ ମୁହାଁମୁହିଁ ହୋଇଥିଲେ। ସେ ତାଙ୍କ କ୍ୟାରିୟର ଏବଂ ବ୍ୟକ୍ତିଗତ ଜୀବନ ବିଷୟରେ ପ୍ରଶଂସକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏଥିରେ ସେ ନିଶ୍ଚିତ ହୋଇଥିଲେ ଯେ କ୍ୟାଟ୍ରିନାଙ୍କ ସହ ତାଙ୍କର ତୁଳନା ତାଙ୍କ କ୍ୟାରିୟରକୁ କ୍ଷତି ପହଂଚାଇଛି। ସୂଚନାଯୋଗ୍ୟ ଯେ ଚଳଚ୍ଚିତ୍ର ଭୀର (୨୦୧୦) ରେ ନିର୍ଦ୍ଦେଶକ ଅନିଲ ଶର୍ମା ସଲମାନ ଖାନଙ୍କ ସହ ଜରିନ ଖାନଙ୍କୁ ଲଞ୍ଚ କରିଥିଲେ। ପ୍ରଥମ ଚଳଚ୍ଚିତ୍ରରେ ଲୋକମାନେ ଜରିନ୍‌ଙ୍କ ଠାରେ କ୍ୟାଟ୍ରିନାଙ୍କ ଝଲକ ଦେଖିଥିଲେ ଏବଂ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ସେହି ଦିନ ଜରିନଙ୍କ ସହ ସଲମାନଙ୍କ ଘନିଷ୍ଠତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଯେତେବେଳେ ଜରିନ୍ ରେଡିରେ ଆଇଟମ୍ ଡ୍ୟାନ୍ସ କଲେ। କିନ୍ତୁ କ୍ୟାଟ୍ରିନାଙ୍କ ସହ ତାଙ୍କ ତୁଳନା ଜରିନଙ୍କର କ୍ଷତି ହୋଇଥିଲା ଏବଂ ଦର୍ଶକ ତାଙ୍କ ଠାରୁ ଦୂରେଇ ରହିଲେ। ଜରିନ୍ କହିଛନ୍ତି ଯେ କ୍ୟାଟ୍ରିନାଙ୍କ ତୁଳନାରେ ସେ ପ୍ରଥମେ ଖୁସି ଅନୁଭବ କରିଥିଲେ, କିନ୍ତୁ ପରେ ହୃଦୟଙ୍ଗମ କରିଥିଲେ ଯେ ଏହା ତାଙ୍କ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା। ବାର୍ତାଳାପରେ ଜରିନ୍ କହିଛନ୍ତି ଯେ ମୁଁ ଯେତେବେଳେ ବଲିଉଡକୁ ଆସିଥିଲି, ସେତେବେଳେ ମୁଁ ଏହା ବିଷୟରେ କିଛି ଜାଣି ନ ଥିଲି। ପରେ ଏହା ବୁଝିପାରିଲି ଯେ ଏହି ତୁଳନା ବହୁତ ଖରାପ ଥିଲା। ବଲିଉଡରେ ହାଉସଫୁଲ୍ ୨, ଆକ୍ସର-୨ ଏବଂ ୧୯୨୧ ଭଳି ଚଳଚ୍ଚିତ୍ର ପରେ ଜରିନ୍ ରିଜନାଲ ଫିଲ୍ମର ରାସ୍ତା ନେଇଥିଲେ। ପଞ୍ଜାବୀରେ ଜଟ୍ ଜେମ୍ସ ବଣ୍ଡ ଏବଂ ତେଲୁଗୁରେ ଚାଣକ୍ୟ ଭଳି ସଫଳ ଚଳଚ୍ଚିତ୍ରରେ ଅଭିନୟ କରିବା ସତ୍ୱେ ତାଙ୍କର ବହୁତ କଷ୍ଟକର ହୋଇପଡିଥିଲା। ପ୍ରଶଂସକଙ୍କ ସହ କଥାବାର୍ତା କରୁଥିବାବେଳେ ଜରିନ୍ ବଲିଉଡରେ ଆତ୍ମୀୟତା ବିଷୟରେ ମଧ୍ୟ କହିଥିଲେ। ସେ କହିଛନ୍ତି ଯେ ପ୍ରତିଭା ଅପେକ୍ଷା ଏଠାରେ ବନ୍ଧୁତାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହା ମୋ ପାଇଁ ଏକ ବଡ ସମସ୍ୟା ଥିଲା।





# ଗୌରୀଙ୍କ ପାଇଁ ଶାହାରୁଖ ବଦଳାଇଥିଲେ ନିଜର ନାମ



ବଲିଉଡର ବାଦଶାହ୍ ଶାହରୁଖ ଖାନ। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଯୱାନ' ପାଇଁ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ଫିଲ୍ମ ୭ ସେପ୍ଟେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ତାଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ରକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ସମୟ ମଧ୍ୟରେ ଶାହରୁଖଙ୍କ ଏକ ପୁରୁଣା କାହାଣୀ ସାମ୍ନାକୁ ଆସିଛି। ଆପଣ ଜାଣନ୍ତି କି ଶାହାରୁଖ ଖାନ ଥରେ ତାଙ୍କ ନାମ 'ଜିତେନ୍ଦ୍ର କୁମାର ତୁଲି' ରେ ପରିବର୍ତନ କରିଥିଲେ। ଶାହରୁଖ ଖାନ ଏବଂ ଗୌରୀ ଖାନ ଏକ ଅନ୍ତର ଧାର୍ମିକ ବିବାହ କରିଛନ୍ତି। ଦୁହେଁ ପ୍ରଥମେ ଆର୍ଯ୍ୟ ସମାଜ ଅନୁଯାୟୀ ବିବାହ କରିଥିଲେ। ପରେ ନିକା ଏବଂ କୋର୍ଟ ମ୍ୟାରେଜ୍ କରିଥିଲେ। ଆର୍ଯ୍ୟ ସମାଜ ଅନୁଯାୟୀ ବିବାହ କରୁଥିବାବେଳେ ଶାହରୁଖ ଖାନ ତାଙ୍କ ନାମ 'ଜିତେନ୍ଦ୍ର କୁମା ତୁଲି' ରେ ପରିବର୍ତନ କରିଥିଲେ। ବିବାହ ସମୟରେ ଗୌରୀ ନିଜ ପାଇଁ ମୁସଲମାନ ନାମ 'ଆୟେଶା' ବାଛିଥିଲେ। କିନ୍ତୁ, ପ୍ରଶ୍ନ ଉଠୁଛି ଯେ ଶାହରୁଖ ଖାନ ନିଜ ପାଇଁ 'ଜିତେନ୍ଦ୍ର କୁମାର ତୁଲୀ' କାହିଁକି ବାଛିଲେ ? ମୁସ୍ତାଖ୍ ଶେଖଙ୍କ ପୁସ୍ତକ 'କାହାନୀ ଶାହରୁଖ ଖାନ କି' ଅନୁଯାୟୀ, ଶାହରୁଖ ଖାନ ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଦୁଇଜଣ ଭେଟେରାନ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହି ନାମ ବାଛିଥିଲେ। ତାଙ୍କ ଜେଜେମା ବିଶ୍ୱାସ କରୁଥିଲେ ଯେ ସେ ବଲିଉଡ ଅଭିନେତା ଜିତେନ୍ଦ୍ରଙ୍କ ପରି ଦେଖାଯାଉଥିଲେ। ତେଣୁ ସେ ତାଙ୍କର ପ୍ରଥମ ନାମ ଜିତେନ୍ଦ୍ର ରଖିଲେ ତୁଲି ଏଥିପାଇଁ ରଖିଥିଲେ ରାଜେନ୍ଦ୍ରଙ୍କର ଅସଲି ନାମ ଥିଲା। ଖୁବ୍ କମ୍ ଲୋକ ଜାଣନ୍ତି ଯେ ଅଭିନେତାଙ୍କର ସମ୍ପୂର୍ଣ୍ଣ ନାମ ହେଉଛି ରାଜେନ୍ଦ୍ର କୁମାର ତୁଲି।

# ଜାପାନର ଝିଅମାନେ କାହିଁକି ପତଳା ?



କୌଣସି ମଣିଷ ପାଇଁ ସୌନ୍ଦର୍ଯ୍ୟର ମାପ ନଥାଏ। ତଥାପି କିଛି ଲୋକ ପତଳା ଏବଂ ଫିଟ୍ ଝିଅମାନଙ୍କୁ ଅଧିକ ପସନ୍ଦ କରନ୍ତି। ଯଦି ଆମେ ଏହି ବର୍ଗର ମହିଳାମାନଙ୍କ ବିଷୟରେ ଆଲୋଚନା କରିବା। ତେବେ ଜାପାନର ନାମ ଶୀର୍ଷରେ ଆସିଥାଏ। ଏସିଆର ଏହି ଦେଶରେ ଝିଅମାନେ କେବଳ ଫିଟ୍ ନୁହନ୍ତି ବରଂ ସେମାନେ ସହଜରେ ୧୦୦ ବର୍ଷ ବଂଚିପାରିବେ। ଆସନ୍ତୁ ଜାଣିବା ଜାପାନ ଝିଅମାନେ କାହିଁକି ଏତେ ପତଳା ?

୧- ଜାପାନର ଲୋକମାନେ ଛୋଟ ଭାଗରେ ଅର୍ଥାତ୍ ବହୁତ ଅଳ୍ପ ଖାଇବାକୁ ପସନ୍ଦ କରନ୍ତି। ଏହି ପ୍ରକାରର ଖାଇଲେ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ଦେଶର ଲୋକମାନେ ଛୋଟ ଆକାରର ପ୍ଲେଟରେ ଖାଆନ୍ତି। ଯାହା ଦ୍ୱାରା ସେମାନେ ଅଧିକ ଖାଦ୍ୟ ଖାଇ ପାରିବେ ନାହିଁ।

୨- ଗ୍ରୀନ୍ ଟି ଦୁନିଆର ଅନେକ ସ୍ଥାନରେ ପିଅନ୍ତି। କିନ୍ତୁ ଜାପାନର ଲୋକମାନେ ଏହାକୁ ବହୁତ ପସନ୍ଦ କରନ୍ତି।। ସେଟାରେ ଏହାକୁ ମାଚା ବୋଲି କୁହାଯାଏ। ଗ୍ରୀ ଟିକୁ ସ୍ୱାସ୍ଥ୍ୟକର ବୋଲି ମାନନ୍ତି। ଏଥିରେ ପ୍ରଚୁର ପରିମାଣରେ ଆଂଟିଅକ୍ସିଡାଂଟ ମିଳିବା ସହିତ ଏହା ଆମକୁ ଫ୍ରି ରେଡିକାଲରୁ ସୁରକ୍ଷା ମିଳେ। ଗ୍ରୀନ୍ ଟି ପିଇବା କେବଳ ଓଜନ ହ୍ରାସ କରେ ନାହିଁ, ବରଂ ବାର୍ଦ୍ଧକ୍ୟର ପ୍ରଭାବକୁ ମଧ୍ୟ ମନ୍ଥର କରିଥାଏ।

୩- ଜାପାନର ଲୋକମାନେ ଦହୀ, ଲସି, କିମଚି, କମ୍ବୁଚା, ନାଟୋ ଭଳି ଖଟା ଜିନିଷ ଖାଇବାକୁ ପସନ୍ଦ କରନ୍ତି। ଏହିପରି ଖାଦ୍ୟରେ ଭିଟାମିନ୍ ବି, ଏନଜାଇମ୍, ଓମେଗା -୩ ଫ୍ୟାଟି ଏସିଡ୍ ଥାଏ। ଯାହା ଶରୀରକୁ କେବଳ ସୁସ୍ଥ ରଖେ ନାହିଁ ବରଂ ଚର୍ବି ଜମାକୁ ମଧ୍ୟ ରୋକିଥାଏ।୪- ମାଂସ ଖାଇବା ଅପେକ୍ଷା ସାମୁଦ୍ରିକ ମାଛ ଖାଇବାକୁ ବେଶି ପସନ୍ଦ କରନ୍ତି। କାହିଁକି ନା ଏହା ପ୍ରୋଟିନର ଏକ ଉତମ ଉତ୍ସ ଭାବରେ ବିବେଚନା କରାଯାଏ। କାରଣ ଏହା ମଧୁମେହ, ଉଚ୍ଚ କୋଲେଷ୍ଟ୍ରଲ, ମୋଟାପଣ ଏବଂ ହୃଦରୋଗର ଆଶଙ୍କା କମ କରିଥାଏ। ଏଥିପାଇଁ ସି ଫୁଡ୍ ଅଧିକ ଖାଇଥାଆନ୍ତି।୫- ଯେତେବେଳେ ଜାପାନୀ ଲୋକମାନେ ଖାଦ୍ୟ ଖାଆନ୍ତି। ସେମାନଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଖାଦ୍ୟ ଖାଇବା ଉପରେ ଥାଏ। ସେମାନେ ଅନ୍ୟ କୌଣସି କାର୍ଯ୍ୟକଳାରେ ନିବୃତ ରୁହନ୍ତି ନାହିଁ । ଯେମିତି ଟିଭି ଦେଖିବା , ମୋବାଇଲ୍‌ରେ ଖେଳିବା, ଖବର କାଗଜ ପଢିବା। ସେ ଚପଷ୍ଟିକ୍ ସହିତ ଧୀରେ ଧୀରେ ଖାଆନ୍ତି। ଯାହାଦ୍ୱାରା ଖାଦ୍ୟ ହଜମ କରିବାରେ କୌଣସି ଅସୁବିଧା ହୋଇନଥାଏ।୬- ଜାପାନୀ ଲୋକମାନେ ବହୁତ ଚାଲିବାକୁ ପସନ୍ଦ କରନ୍ତି। ଏହା କେବଳ ଫିଟନେସ୍ ବଜାୟ ରଖେ ନାହିଁ, ବରଂ ହାର୍ଟ ମଧ୍ୟ ସୁସ୍ଥ ରଖେ। ଏହା ଚାପରୁ ମୁକ୍ତି ପାଇଁ କାମ କରେ। ଲୋକମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ୟଙ୍ଗ ଦେଖାଯାଆନ୍ତି।

## ଚିଲିକା ପଞ୍ଚାୟତ ସମିତି ସାଧାରଣ ଅଧିବେଶନରେ ଯୋଗଦେଲେ ଆଇନ ମନ୍ତ୍ରୀ




ବାଲୁଗାଁ ୧୪/୧୨ (ନି.ପ୍ର): ଶୁକ୍ରବାର ଅପରାହ୍ନରେ ଚ଼ିଲିକା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ଚ଼ିଲିକା ବିଧାୟକ ତଥା ଓଡିଶା ସରକାରଙ୍କ ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଶିକ୍ଷା ବିଭାଗ,ସ୍ୱାସ୍ଥ୍ୟ ବିଭାଗ,କୃଷି ବିଭାଗ,ଜଳ ଯୋଗାଣ ଓ ପରିମଳ ବିଭାଗ,ମହିଳା ଓ ଶିଶୁ କଲ୍ୟାଣ ବିଭାଗ,ମନରେଗା ଓ ବ୍ଲକ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଏହି ବୈଠକରେ ଚ଼ିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ରାଣୀ ବେହେରା,ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ,ଚ଼ିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ,ବିଡ଼ିଓ ହଳଧର ଶବର,ଜିଲ୍ଲାପରିଷଦ ସଦସ୍ୟା,ସରପଞ୍ଚ,ସମିତି ସଭ୍ୟଙ୍କ ସମେତ ବ୍ଲକ ଓ ପଞ୍ଚାୟତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାଇପ ଫାଟି ଗାଁ ଦାଣ୍ଡରେ ପାଣି

ପାଟଣା ୧୪/୧୨ (ନି.ପ୍ର): ପାଖାପାଖି ଏକ ମାସ ରୁ ଅଧିକ ସମୟ ଧରି ସାହାରପଡ଼ା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମର ବସୁଧା ଯୋଜନା ପ୍ରକଳ୍ପ ରୁ ଗ୍ରାମ କୁ ଯୋଗାଣ ହେଉଥିବା ପାଣି ପାଇପ ଫାଟି ରାସ୍ତା କୁ ଖୋଳି ପକାଇଲାଣି । ପାଣି ବାହାରି ଯିବାରୁ ପାଣି ର ବେଗ ମଧ୍ୟ କମିଯାଇ ଉପରକୁ ଉଠି ପାରୁନାହିଁ । ପାଣି ଲିକ କରୁଥିବା ସ୍ଥାନ ଉପରେ ପଥର ଜମା କରି ପାଣି କୁ ଅଟକା ଯାଉଥିବା ରୁ ରାସ୍ତା ଉପରେ ବଡ ବଡ ପଥର ରଖା ଯାଇଛି କ୍ଷ ଅନ୍ଧାର ରାତି ରେ ଲୋକେ ଏଠାରେ ଝୁଣ୍ଟି ପଡି ଖଣ୍ଡିଆ ଖାବରା ହେଉଛନ୍ତି କ୍ଷ ବିଭାଗ ର ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାରୁ ଲୋକେ ଉତ୍ୟକ୍ତ ଅଛନ୍ତି । ଗ୍ରାମୀୟ ଜଳ ଯୋଗାଣ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଫଟା ପାଇପ ମରାମତି କରିବାକୁ ଦାବି କରାଯାଇଛି ।

## ଉଦୟପୁର ରେ ଗୀତା ଯଜ୍ଞ

ପାଟଣା ୧୪/୧୨ (ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମର ମା ଅନ୍ଧାରି ଠାକୁରାଣୀ ମନ୍ଦିର ପରିସରରେ ଆଜି ଗୀତା ଯଜ୍ଞ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ପୁରୋହିତ ହରିଶ ଚନ୍ଦ୍ର ପଣ୍ଡା ଓ ପ୍ରସନ୍ନ କୁମାର ପତି ପୁରୋହିତ ଭାବେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ବିଶିଷ୍ଟ ବ୍ୟକ୍ତି ମାନସ ରଞ୍ଜନ ରାଜ ଓ ତାଙ୍କ ଧର୍ମ ପତ୍ନୀ ସଂକଳ୍ପ ରେ ବସି ଥିଲେ । ଯଜ୍ଞ ଶେଷ ରେ ସାମୁହିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ କରା ଯାଇଥିଲା । ପ୍ରତିବର୍ଷ ଗୀତା ଜୟନ୍ତୀ ରେ ଗୀତା ଯଜ୍ଞ ଏଠାରେ ହୋଇଥାଏ କ୍ଷ ବହୁ ବିଶିଷ୍ଟ ବ୍ୟକ୍ତି ଙ୍କ ଉପସ୍ଥିତି ରେ ଉକ୍ତ ଯଜ୍ଞ ରେ ଭକ୍ତିପୂତ ହୃଦୟ ରେ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ଗୋଆରେ ଓଡିଆ ଦଲାଲ ସକ୍ରିୟ

## ଓଡିଶା ରାସନକାର୍ଡ ଇ -କେଓ୍ୱାଇସି କରାଇବା ପାଇଁ ଖର୍ଚ୍ଚାନ୍ତ ହେଉଛନ୍ତି ପଡିକାର୍ଡଧାରୀ

ନିଷ୍ଚିନ୍ତକୋଇଲି୧୪/୧୨ (ନି.ପ୍ର): ନିଜର ପରିବାର ପ୍ରତିପୋଷଣ ପାଇଁ ଆମ ରାଜ୍ୟ ଓଡିଶାରୁ ଅନେକ ଲୋକ ରାଜ୍ୟ ବାହାରେ ରହି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେମାନଙ୍କୁ ସରକାର ପ୍ରବାସୀ ଶ୍ରମିକ, ରାସନକାର୍ଡ ପ୍ରଦାନ କରୁଛନ୍ତି ଏବଂ ସାଧାରଣ ରାସନକାର୍ଡରେ ଯେଉଁମାନେ ଇ-କେ.ୱାଇ.ସି. କରିନାହାଁନ୍ତି ସେମାନେ ବାହାର ରାଜ୍ୟରେ ରହୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସ୍ତରରେ ମାଗଣାରେ ରାସନକାର୍ଡର ଇ-କେଓ୍ୱାଇସି କାର୍ଯ୍ୟ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ଆମ ରାଜ୍ୟରୁ ଗୋଆରେ ରହୁଥିବା ପ୍ରବାସୀ ଓଡିଶାବାସୀଙ୍କ କ୍ଷେତ୍ରରେ । ଓଡିଶାରୁ କିଛି ମୁନାଫାଖୋର ଯୁବକ ସେଠାରେ ଇ-କେଓ୍ୱାଇସି କରାଇବା ପାଇଁ ଯେଉଁଠି ଯେଉଁଠି ପ୍ରବାସୀ ଓଡିଶାବାସୀମାନେ ରହୁଛନ୍ତି ସେଠାରେ ବିଭିନ୍ନ ସ୍ଥାନରେ ପ୍ରଚାର ପତ୍ର ଲଗାଇ ଓଡିଶା ରାସନକାର୍ଡ ଇ-କେଓ୍ୱାଇସି କରିବା ପାଇଁ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଏକ ମୋବାଇଲ ନମ୍ବର ପ୍ରଚାର ପତ୍ରରେ ପ୍ରଦର୍ଶିତ କରିଛନ୍ତି । ମୋବାଇଲ ନମ୍ବର ୯୭୭୬୬୧୮୨୨୭ । ଏହି ନମ୍ବରରେ ଯୋଗାଯୋଗକରିବା ପାଇଁ ସଂପୃକ୍ତ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହି ଇ-କେଓ୍ୱାଇସି କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୪୦୦ ରୁ ୫୦୦ ଟଙ୍କା ସଂପୃକ୍ତ ସଂସ୍ଥା ନେଉଥିବା ଶୁଣିବାକୁ ମିଳୁଛି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା( ୱାନ୍ ନେସନ, ୱାନ୍ ରାସନ) ଯିଏ ଯେଉଁଠି ଥିବ ସିଏ ସେଠୁ ଇ କେଓ୍ୱାଇସି କରିପାରିବ ବା ରାସନ ଉଠାଇ ପାରିବ ସରକାର କହୁଥିବା ବେଳେ ଗୋଆରେ ଉପୁଜିଥିବା ଏଭଳି ସ୍ଥିତିକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗତଦନ୍ତ କରି ସଂପୃକ୍ତ ଠକ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଭରସା ପରିବାର ରାଜ୍ୟ କାର୍ଯ୍ୟକାରିଣୀ ପରିବାର ମିଳନ ଅନୁଷ୍ଠିତ



ପାଟଣା ୧୪/୧୨ (ନି.ପ୍ର): ରକ୍ତଦାନ ,ଗରିବ ଅସହାୟ ପରିବାର ଙ୍କୁ ସହାୟତା , ଅସହାୟ ପରିବାର ଙ୍କ ଶୁଦ୍ଧିକ୍ରିୟା,ଅଜଣା ଶବର ସଂସ୍କାର ଆଦି ବିଭିନ୍ନ ଜନ ସେବା କାର୍ଯ୍ୟ କରି ସାରା ଓଡ଼ିଶାରେ ଆବୃତ୍ତି ଲାଭ କରିଥିବା ଭରସା ପରିବାର ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପରିବାର ମିଳନ ଆଜି ପାଟଣା ବୈତରଣୀ କୂଳ ଥରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିବାର ମିଳନ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ମହାନ୍ତ,ରାଜ୍ୟ ସଭାପତି ପ୍ରତାପ କୁମାର ରାୟ,ରାଜ୍ୟ ମହିଳା ସଭାନେତ୍ରୀ ମାଳତୀ ମହାନ୍ତ,ଉପସଭାନେତ୍ରୀ ରଞ୍ଜନା ମହାନ୍ତ , ରାଜ୍ୟ କାର୍ଯ୍ୟକାରି ସଭାପତି ଭରତ ଚନ୍ଦ୍ର ମହାନ୍ତ ,ଉପଦେଷ୍ଟା ଶିବସଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପଦ୍ମଲୋଚନ ନନ୍ଦ , ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ, ରାଜ୍ୟ ସଂଯୋଜକ ଡମ୍ବୁରୁଧର ମହାନ୍ତ, କୋଷାଧ୍ୟକ୍ଷ ବୁଧୁରମ୍ ମହାନ୍ତ, ସମ୍ପାଦକ ପଦ୍ମନାଭ ମହାନ୍ତ, ସମ୍ପାଦକ କେଦାର ମହାନ୍ତ ,ସମ୍ପାଦକ ବୃଷଭ ,ଯାଜପୁର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ସାହୁ ସଦସ୍ୟ ସତ୍ୟବ୍ରତ ସାହୁ, କେଉଁଝର ଜିଲ୍ଲା ସଭା ନେତ୍ରୀ ସୋନି ସୋନାଲି ,କେଉଁଝର ଜିଲ୍ଲା ସଭାପତି ଜନ୍ମେଜୟ ସିଂହ,ପାଟଣା ବ୍ଲକ ସଭାନେତ୍ରୀ ସ୍ନେହଲତା ନାଏକ,ପାଟଣା ବ୍ଲକ ସଭାପତି ସୁମନ୍ତ ବାରିକ,ଢେଙ୍କାନାଳ ଜିଲ୍ଲା ସଭାପତି ଜିତେନ୍ଦ୍ର ,ସହାରପଡ଼ା ବ୍ଲକ ସଭାପତି ମନୋଜ କୁମାର, ଉପସଭାପତି ବାପୁନ୍ ମିନତି, ବୀଣା ଦିଦି,ପ୍ରଣତି ଦିଦି,ଦୁର୍ଗା ମାଧବ,ଚିତ୍ତରଞ୍ଜନ, ଅଶୋକ କୁମାର ମହାନ୍ତ , ବଳରାମ ମୁର୍ମୁ, ଦେବେନ୍ଦ୍ର ନାୟକ , ମାନସ ଜ୍ଞାନ ରଞ୍ଜନ ଷଡ଼ଙ୍ଗୀ, ଜ୍ଞାନରଞ୍ଜନ ,କର୍ମୁ, ରଘୁନାଥ ପ୍ରମୁଖ ସହସ୍ରାଧିକ ସମାଜ ସେବୀ ଭରସା ପରିବାର ମିଳନ ଉତ୍ସବରେ ସାମିଲ ହୋଇ ଆଗକୁ କିପରି ପରିବାର ଅଗ୍ରଗତି କରିବ ସେ ବିଷୟରେ ଆଲୋଚନା କରିଥିଲେ ।

## କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଗୀତା ବଣ୍ଟନ

ପାଟଣା ୧୪/୧୨ (ନି.ପ୍ର): ଘଟଗାଁ ସ୍ଥିତ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାମ୍ରା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ପବିତ୍ର ଗୀତା ଜୟନ୍ତୀ ଉପଲକ୍ଷେ ବାଣେଶ୍ୱର ସତସଙ୍ଗ ମଣ୍ଡଳୀ ଦ୍ୱାରା ଆୟୋଜିତ ଗୀତା ଆବୃତ୍ତି ମହୋତ୍ସବ ଅବସରରେ ସନାତନ ଧର୍ମର ସର୍ବ ଶ୍ରେଷ୍ଠ ଧର୍ମ ପୁସ୍ତକ ଗୀତା ବଣ୍ଟନ କରାଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବରେ ଦିବ୍ୟ ଜୀବନ ସଂଘର ସନ୍ନ୍ୟାସୀ ତଥା ରଘୁନାଥ ଜୀଉ ମଠ(ଯଶିପୁର )ର ମହନ୍ତ ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ ଓ ସମ୍ମାନିତ ଅତିଥି ରୂପେ ଭାଗବତ ଟୁଙ୍ଗି ପ୍ରଚାର ପ୍ରସାର ସମିତିର ବ୍ଲକ ସମ୍ପାଦକ ମାୟାଧର ବାରିକ ଯୋଗ ଦେଇ ଉପସ୍ଥିତ ଧର୍ମ ଶାସ୍ତ୍ର ଶ୍ରଦ୍ଧାଳୁ ମାନଙ୍କୁ ଗୀତା ପୁସ୍ତକ ପ୍ରଦାନ କରିଥିଲେ ।କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ସାମ୍ପ୍ରତିକ ପରିସ୍ଥିତିରେ ଦିନକୁ ଦିନ ସାମ୍ପ୍ରଦାୟିକ ଦଙ୍ଗା ହଂଗାମା ବୃଦ୍ଧି ପାଇବା ସହିତ ଧର୍ମାନ୍ତରିକରଣ ପରି ଭୟଙ୍କର ବ୍ୟାଧି ସମାଜରେ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ ପରମେଶ୍ୱର ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ବାଣୀ ଯାହାକି ଧର୍ମ ପୁସ୍ତକ ଗୀତା ଯଦି ପ୍ରତ୍ୟେକ ମନୁଷ୍ୟ ପଢିବେ, ବୁଝିବେ ଓ ପରସ୍ପର ମଧ୍ୟରେ ଆଲୋଚନା କରି ଗୀତା ଶାସ୍ତ୍ରର ମାର୍ଗ ଅନୁସରଣ କରିବେ ତେବେ ନିଶ୍ଚିତ ରୂପେ ଖୁବ ଶୀଘ୍ର ରାମ ରାଜ୍ୟ ପ୍ରତିଷ୍ଠା ସମ୍ଭବ ହୋଇ ପାରିବ ବୋଲି ଉପସ୍ଥିତ ପଣ୍ଡିତ ମଣ୍ଡଳୀ ମତବ୍ୟକ୍ତ କରିଥିଲେ ।

## ପାଟଣାରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା କର୍ମଶାଳା

ପାଟଣା ୧୪/୧୨ (ନି.ପ୍ର): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ଏବଂ ପାନୀୟଜଳ ପ୍ରତିଷ୍ଠାନ ସହାୟତାରେ ଜିଲ୍ଲା ପରିଷଦ କେନ୍ଦୁଝର ପକ୍ଷରୁ ଶୁକ୍ରବାର ପାଟଣା ବ୍ଲକ ସଭାଗୃହରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଉପରେ ଏକ କର୍ମଶାଳା ବିଡ଼ିଓ,ମାନସ କୁମାର ଦଣ୍ଡପାଟ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ପ୍ରଶିକ୍ଷକ ଭାବେ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନ ର ସମ୍ବଳକର୍ମୀ ଶିବନାଥ ପ୍ରଧାନ ଓ ପ୍ରଦାନ ସଂଗଠନ ର କାର୍ତ୍ତିକ ଦାସ ଯୋଗ ଦେଇ ଶିବିରାର୍ଥି ମାନଙ୍କୁ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଥିବା ନିୟମାବଳୀ ଓ ଶିବିରାର୍ଥି ମାନଙ୍କ ଦାୟିତ୍ୱ ସମ୍ପର୍କରେ ସବିଶେଷ ବୁଝାଇଥିଲେ ।ଏହା ଛଡା ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସୁସ୍ମିତା ସାହୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଣୀ ରଶ୍ମୀରେଖା ମହାନ୍ତି ମଧ୍ୟ ଶିବିରାର୍ଥି ଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ଗ୍ରାମ ପଞ୍ଚାୟତ ର ବିଭିନ୍ନ ବିକାଶ ଯୋଜନା ଏହାର ସ୍ଥାୟୀତ୍ୱ ,ଦୀର୍ଘସ୍ଥାୟୀ ବିକାଶ ଲକ୍ଷ ଏହାର ସ୍ଥାନୀୟ କରଣ ,ଗ୍ରାମର ସମୃଦ୍ଧି ଆଦି ସମ୍ପର୍କରେ ଉପସ୍ଥିତ ସରପଞ୍ଚ, ପିଇଓ,ଅଙ୍ଗନବାଡ଼ି କର୍ମୀ,ଆଶା କର୍ମୀ , ସି ଆର ପି, ଏମ ବି କେ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।ଶିବିର ରେ ଏଫ୍ ଇ ଏସ ବ୍ଲକ ତାଲିମ ସଂଯୋଜକ ବିଜୟ କୁମାର କାରୁଆ , ପେସା ବ୍ଲକ ସଂଯୋଜୀକା ନିର୍ମଳା ମହାନ୍ତ ମଧ୍ୟ ଉପସ୍ଥିତ ଥିଲେ ।

## ଦୀର୍ଘ ଦିନ ହେଲା ହେଉନି ରାସ୍ତା କାର୍ଯ୍ୟ : ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା

ନିଷ୍ଚିନ୍ତକୋଇଲି ୧୪/୧୨ (ନି.ପ୍ର): ନିଷ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ସାହାରେଇ ରାସ୍ତାଟି ଜିଗ୍ନିପୁର ଗ୍ରାମ ପଂଚାୟତ ଅଧିନସ୍ଥ ମହାଜନପୁର ଗ୍ରାମର ଲେଙ୍କା ସାହି ୮(ବି) କେନାଲ ରୋଡ ଠାରୁ କେନାଲ ରୋଡ ୮(ଏ) ୨(ଏ) ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ । ଦୀର୍ଘ ବର୍ଷ ହେବ ଉକ୍ତ ରାସ୍ତାର ପୁନରୁଦ୍ଧାର ନିମନ୍ତେ ସ୍ଥାନୀୟ ଜନସାଧାରଣମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଉକ୍ତ ରାସ୍ତା ଉପରେ ସ୍ଥାନୀୟ ଜିଗ୍ନିପୁର, ଫଗୋଳ, ନିଷ୍ଚିନ୍ତକୋଇଲି, ନଟକାଇ, ରାମକୃଷ୍ଣପୁର, ଗ୍ରାମ ପଂଚାୟତର ଜନସାଧାରଣ ନିମନ୍ତେ ଯାତାୟାତ ନିର୍ଭର କରିଥାଆନ୍ତି । ଏହି ରାସ୍ତା ଦେଇ ଦମକଳ ଗାଡି ବା ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନାହିଁ । ଯାହାଫଳରେ ସାଧାରଣ ଜନତାମାନେ ବହୁ ଅସୁବିଧା ଭୋଗିଥାଆନ୍ତି । ଅନେକ ଛାତ୍ର ଛାତ୍ରୀ ବିଦ୍ୟାଳୟ ମହାବିଦ୍ୟାଳୟକୁ ଯିବା ଏବଂ ଜନସାଧାରଣମାନେ ନିଷ୍ଚିନ୍ତକୋଇଲି ସାପ୍ତାହିକ ହାଟ, ବଜାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଏପରିକି ନିଷ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟକୁ ଏହି ରାସ୍ତା ଦେଇ ଯାଆସ କରିଥାଆନ୍ତି । ଜନସାଧାରଣଙ୍କ ହିତ ଦୃଷ୍ଟିରେ ଏହି ରାସ୍ତାରପୁନରୁଦ୍ଧାର କରାଯାଇ ଗମନା ଗମନ ଉପଯୋଗୀ କରିବା ପାଇଁ ନିଷ୍ଚିନ୍ତକୋଇଲି ଅଂଚଳର ଆଇନଜୀବୀ ଶ୍ରୀ ପ୍ରମୋଦ କୁମାର ରାଉତ(ଟୁଟୁ) ମହାମାନ୍ୟ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଗତ ତା.୧୧.୧୨.୨୦୨୪ ରିଖରେ ଦାଖଲ କରିଛନ୍ତି । ଯାହାର କେଶ୍ ନଂ ଡି.ଡବ୍ଲୁ.ପି. (ସି)୫୧୭୦୭/୨୦୨୪ଅଟେ । ଏହାର ଏକକିତା ଲେଖା ନକଲ ଜିଲ୍ଲାପାଳ କଟକ , ନିଷ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ , ଉପଖଣ୍ଡ ଅଧିକାରୀ, ଜଳସେଚନ ବିଭାଗ କେନ୍ଦୁପାଟଣାକୁ ପ୍ରେରଣ କରାଯାଇଥିବା ଶ୍ରୀ ରାଉତ ଗଣମାଧ୍ୟମକୁ ଲିଖିତ ଭାବେ ଜଣାଇଛନ୍ତି ।

## କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଠାରେ ଚାଷୀଙ୍କ ଗଣଧାରଣା ଦ୍ୱିତୀୟ ଦିନରେ ,ସୋମବାର ଠାରୁ ବ୍ଲକ ବନ୍ଦ ନିଷ୍ପତି



କର୍ଲାମୁଣ୍ଡା ୧୪/୧୨ (ନି.ପ୍ର): କର୍ଲାମୁଣ୍ଡା ବ୍ଲକ ର ବିଭିନ୍ନ ମଣ୍ଡି ରେ ଚାଷୀ ଙ୍କ ଧାନ ଉଠିବା ନେଇ ସମସ୍ୟା ଉପୁଜିଥିବା ରୁ ତାହାର ସମାଧାନ ଦାବୀ ରେ ଗତକାଲି ଭଳି ଆଜି ମଧ୍ୟ ଶହ ଶହ ଚାଷୀ ବ୍ଲକ ପରିସରରେ ଗଣ ଧାରଣା ଜାରିରହିଛନ୍ତି ।ଦାବୀ ଗୁଡ଼ିକ ମଧ୍ୟରେ କଟନୀ ଛଟଣି କୁ ବନ୍ଦ କରିବା, ମଣ୍ଡି ଗୁଡ଼ିକ ରେ ନିୟୋଜିତ ନିର୍ଦ୍ଦିଷ୍ଟ ତିନିଟି ମିଲରସ କୁ ବାଦ କରିବା ପ୍ରମୁଖ ଦାବୀ ରହିଛି । ଆଜି ବିଡ଼ିଓ ସିଧେଶ୍ୱର ମେହେର ଏବଂ ତହସିଲଦାର ଅରୁଣ ବର୍ଗେ ଚାଷୀ ପ୍ରତିନିଧିଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ଦାବୀ ଗୁଡିକ ଉପରେ ଉଚ୍ଚ କର୍ତ୍ତୃପକ୍ଷ ଙ୍କୁ ଅବଗତ କରିବେ ବୋଲି କହିଥିଲେ । ଚାଷୀ ନେତା ଗୌର କିଶୋର ରଣା, ଦେବେନ୍ଦ୍ର ସାହୁ,ରଶ୍ମି କାନ୍ତ ସାହୁ, ଦୀନବନ୍ଧୁ ସାହୁ, ଗୋବିନ୍ଦ ସାହୁ,ନେପାଳ ସାହୁ,ଚନ୍ଦ୍ର ଭାନୁ ସାହୁ, ଦେବେନ୍ଦ୍ର ସାହୁ,ଯୁବରାଜ ସାହୁ,ଯଶୋବନ୍ତ ସାହୁ,ଶେଷ ଦେବ ସାହୁ,ଙ୍କ ସମେତ ବ୍ଲକ ର ବିଭିନ୍ନ ଅଞ୍ଚଳର ଚାଷୀ ମାନେ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଘଟଣା ସ୍ଥଳରେ ଫାଣ୍ଡି ଅଧିକାରୀ ଥବିର ବାରିହା ଓ ତାଙ୍କ ଟିମ ମୁତୟନ ହୋଇଥିଲେ । ପରେ ବିଡ଼ିଓ ଏବଂ ତହସିଲଦାର ମଣ୍ଡି କୁ ଆସି ଆଲୋଚନା କରିଥିଲେ ହେଁ ଏହାର ସମାଧାନ ହୋଇନ ପାରିବାରୁ ସୋମବାର ଦିନ ଠାରୁ ବ୍ଲକ ର ବାରଟି ପଂଚାୟତର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ବ୍ଲକର ତିନିଟି ପେକ୍ସ କର୍ଲାମୁଣ୍ଡା, ରିଷିଡା ଓ ଜୋରାଡବରା ଠାରେ ଧାରଣା ଦିଆଯିବ ବୋଲି ଚାଷୀ ମାନେ କହିଛନ୍ତି ।

## ସାହାରପଡ଼ା ରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା କର୍ମଶାଳା

ପାଟଣା ୧୪/୧୨ (ନି.ପ୍ର):କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀଙ୍କ ଆହ୍ୱାନ କ୍ରମେ ୨୦ ଟି ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ,ସରପଞ୍ଚ, ଅଙ୍ଗନୱାଡ଼ିକର୍ମୀ,କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ କର୍ମୀ ମାନଙ୍କୁ ନେଇ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା, ଦାରିଦ୍ର୍ୟ ମୁକ୍ତ ଏବଂ ଉନ୍ନତ ଜୀବିକା ଗ୍ରାମ ଗଠନ ନିମନ୍ତେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମହାନ୍ତ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ଏହି ପ୍ରଶିକ୍ଷଣ ଶିବିରରେ ସ୍ଥାୟୀ ବିକାଶ ର ଲକ୍ଷ୍ୟ, ଗ୍ରାମପଞ୍ଚାୟତ ବିକାଶ ଯୋଜନା ଏବଂ ତାହାର ପ୍ରକ୍ରିୟା, ପଞ୍ଚାୟତ ସ୍ଥାୟୀ କମିଟି ଗଠନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଦାରିଦ୍ର୍ୟ ମୁକ୍ତ ଉନ୍ନତ ଜୀବିକା ଗ୍ରାମ ଗଠନ ଯାହାକି ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସହିତ ଏକିକୃତ ହୋଇ ପାରିବ ଓ ୯ ଟି ଥିମ୍ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ତାଲିମ ଦାତା ଭାବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ୱାଇ.ଏସ୍.ଡି ପ୍ରଗତି ପ୍ରକଳ୍ପ ର କର୍ମୀ ତୋଫାନ କୁମାର ସେଠୀ ଏବଂ ପ୍ରଭାସିନୀ ମହାନ୍ତ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ ।

## ଲକ୍ଷ୍ମୀନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଙ୍କ କୃତିତ୍ୱ

ପାଟଣା ୧୪/୧୨ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଶାଖା ତରଫରୁ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଏବଂ ଅନୁଷ୍ଠାନ ମାନଙ୍କରୁ ଆସିଥିବା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ । ଉକ୍ତ ମହୋତ୍ସବରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ ର ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଏହି ଉଚ୍ଚ ମାଧ୍ୟମିକ ର ଛାତ୍ରୀ ମାନେ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ଆଣିଥିବାରୁ ଅଧ୍ୟକ୍ଷ ନିରାକାର ସ୍ୱାଇଁ ଖୁସି ବ୍ୟକ୍ତ କରିଛନ୍ତି । ପ୍ରାଧ୍ୟାପକ ଅଲେଖ ପ୍ରସାଦ ସାହୁ, ରତ୍ନାକର ମହାନ୍ତ, ହେମନ୍ତ ମିଶ୍ର ଛାତ୍ର ଛାତ୍ରୀଙ୍କୁ ପ୍ରତିଯୋଗିତା ପାଇଁ ଉତ୍ସାହିତ କରିଥିଲେ ।




## ଗ୍ରୀନ ଓଡ଼ିଶା ପକ୍ଷରୁ ପରିବେଶ ସୁରକ୍ଷା କର୍ମଶାଳା

ପାଟଣା ୧୪/୧୨ (ନି.ପ୍ର):ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଇକୋ କ୍ଲବ ଓ ଗ୍ରିନ୍ ଓଡ଼ିଶାର ମିଳିତ ଉଦ୍ୟମରେ ଏକ ଦିବସୀୟ ପରିବେଶ ସୁରକ୍ଷା କର୍ମଶାଳା ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ସୁଧୀର ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ବିରଞ୍ଚି ନାରାୟଣ ଲେଙ୍କା, ଶ୍ରୀଧର ସ୍ୱାଇଁ ସବୁଜିମା ଭରା ଓଡ଼ିଶା ଉପରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଇକୋକ୍ଲବର ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ସତ୍ୟାନନ୍ଦ ପଣ୍ଡା ଓ ଅଧ୍ୟାପକ ସତ୍ୟଜିତ ତନ୍ମୟ ବଳଙ୍କ ସହଯୋଗରେ କର୍ମଶାଳାଟି ସଫଳ ହୋଇଥିଲା । ପ୍ରାଧ୍ୟାପକ ଘନଶ୍ୟାମ ମହାନ୍ତ,ଚନ୍ଦ୍ରଶେଖର ଭୂୟାଁ, ହେମନ୍ତ ମିଶ୍ର, ସମୀର ସାହୁ, ପ୍ରାଧ୍ୟାପିକା ଅନୁସ୍ମିତା ପାଣିଗ୍ରାହୀ, କାଞ୍ଚନଲତା ସାହୁ, ରଶ୍ମିତା ପୃଷ୍ଟି ବୃକ୍ଷର ଉପକାରିତା ସମ୍ବନ୍ଧରେ ବହୁ ଶିକ୍ଷଣୀୟ ମତାମତ ଦେଇଥିଲେ । ବିଦ୍ୟାଳୟ ପରିବେଶ ମଧ୍ୟରେ ଅଧ୍ୟକ୍ଷ ଶ୍ରୀସ୍ୱାଇଁଙ୍କ ଦ୍ୱାରା କରାଯାଇଥିବା ବୃକ୍ଷରୋପଣକୁ ସମସ୍ତ ଅତିଥି ଭୂୟସୀ ପ୍ରଶଂସା କରିଥିଲେ ।

# ବିଦ୍ୟାଳୟରେ ଅବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶର ଅବମାନନା ଅଭିଯୋଗ

## ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱଷ୍ଟୀ କରଣ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନୋଟିସ୍

ନିଷ୍ଚିନ୍ତକୋଇଲି ୧୪/୧୨ (ନି.ପ୍ର): ସାଲେପୁର ଉଚ୍ଚ ବିଦ୍ୟାଳୟ ଶିକ୍ଷାଦାନରେ ଅବହେଳା, ଅବ୍ୟବସ୍ଥା ଓ ସରକାରୀ ନିର୍ଦ୍ଦେଶର ଅବମାନନା ନେଇ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ବାରିକ ସ୍ୱଷ୍ଟୀ କରଣ ଦେବା ଲାଗି କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ର ନଂ ୧୬୭୧୩/ ୭.୧୨.୨୦୨୪ ରେ ପ୍ରଧାନଶିକ୍ଷକଙ୍କୁ ଚିଠି ପ୍ରେରଣ ହୋଇଛି । ଚିଠି ପାଇବାର ୫ଦିନ ମଧ୍ୟରେ ଜବାବ ଦେବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉ କି ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗତ ନଭେମ୍ବର ୨୬ ଓ ୨୭ ତାରିଖ ଦୁଇ ଦିନ ଧରି ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାହାଙ୍ଗା, ସାଲେପୁର, କଟକ ସଦର ବିଧାୟକ ଓ କଟକ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ବାରିକଙ୍କୁ ଉକ୍ତ କାର୍ଯ୍ୟକ୍ରମର ସଂଗଠନ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା । ଏ ସଂପର୍କରେ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ଓ ଉଦ୍‌ଯାପନ ଉତ୍ସବରେ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିଲେ । ଏହା ଅନୁଶାସନ ହୀନ ଆଚରଣକୁ ପ୍ରମାଣ କରୁଛି ବୋଲି ଜିଲ୍ଲା ଶିକ୍ଷାଧିକାରୀ ଦର୍ଶାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ସହ ସଂପୃକ୍ତ ଅଧିକାରୀମାନେ ପ୍ରଧାନଶିକ୍ଷକଙ୍କୁ ଆମନ୍ତ୍ରଣ କରିବା ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ମୋବାଇଲ ବନ୍ଦ୍ ଥିବା ଓ ଅପହ□ ଦୂରତାରେ ରହିଥିଲା ଏବଂ ପ୍ରଧାନଶିକ୍ଷକ କାର୍ଯ୍ୟାଳୟରୁ ଚାଲିଯାଇଥିଲେ । ଏହା ସଂପୃକ୍ତ ପ୍ରଧାନଶିକ୍ଷକଙ୍କ ବେପରୁଆ ମନୋଭାବ ଓ ସରକାରୀ ନିର୍ଦ୍ଦେଶର ଅବମାନନା ବୋଲି ଜିଲ୍ଲା ଶିକ୍ଷାଧିକାରୀ ଦର୍ଶାଇଛନ୍ତି । ଦିନ ସମୟରେ ପ୍ରଧାନଶିକ୍ଷକ ବିଦ୍ୟାଳୟ ପ୍ରାଙ୍ଗଣରେ ଥିଲେ ମଧ୍ୟ ସରକାରୀ ଡ୍ରେସ କୋର୍ଡକୁ ମାନି ନଥିଲେ । ଏଥି ସହ ପ୍ରତିଯୋଗୀଙ୍କ ରାତ୍ରି ରହଣୀ ପାଇଁ ଆବଶ୍ୟକ ପଦେକ୍ଷପ ନିଆନଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିବା ନେଇ ନୋଟିସରେ ଉଲ୍ଲେଖ କରାଯାଇଛି । ଏହାଛଡା ଗତ ତିନି ବର୍ଷ ଧରି ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ହୋଇନଥିବାରୁ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପୂର୍ବରୁ ବିଦ୍ୟାଳୟର ଅବ୍ୟବସ୍ଥା ଅନୁପଯୁକ୍ତ ଆଚରଣ ଆଦି ନେଇ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ ନୋଟିସରେ ସୂଚନା ଦିଆଯାଇଛି । ଅପରପକ୍ଷେ ଗତ ଫେବୃୟାରୀ ମାସରେ ଏହି ଉଚ୍ଚ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀମାନେ ନିଜରନାମ ଗୋପନ ରଖି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗରେ ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ବିଭିନ୍ନ ଅନୀୟମିତତା କାର୍ଯ୍ୟ ସଂପର୍କରେ ଉଲ୍ଲେଖକରିଥିବା ପ୍ରମାଣ ରହିଛି । ଏପରିକି ବିଦ୍ୟାଳୟରେ ସଠିକ୍ ପାଠ ପଢା ହେଉନଥିବା ଏବଂ ପ୍ରଧାନଶିକ୍ଷକ ଅନେକ ସମୟରେ ନିର୍ଦ୍ଦିଷ୍ଟ ଶିକ୍ଷୟତ୍ରୀମାନଙ୍କ ସହ ତାଙ୍କ କାର୍ଯ୍ୟାଳୟକୁ ଡାକି ମଜା ମଜଲିସ୍ ଗପ କରୁଥିବା ନେଇ ଛାତ୍ରୀମାନେ ଅଭିଯୋଗରେ ଦର୍ଶାଇଥିଲେ । ପାଠ ପଢାରେ ବ୍ୟାହତ ଘଟିବା ହେତୁ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ବିଭିନ୍ନ ଅନୀୟମିତତା ସଂପର୍କରେ ତଦନ୍ତ ପାଇଁ ସେ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନଶିକ୍ଷକଙ୍କ ଅନୀୟମିତତା ସଂପର୍କରେ କଟକ ଜିଲ୍ଲା ଶିକ୍ଷାଧିକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସ୍ୱଷ୍ଟୀକରଣ ନୋଟିସ ଦେବା ସହିତ ଏହି ନୋଟିସର କପି ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିବା ଜଣାଯାଇଛି ।

## ୬ ଦଫା ଦାବି ପୂରଣ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ

ପୋଲସରା ୧୪/୧୨ (ନି.ପ୍ର): ପ୍ରାଥମିକ ଶିକ୍ଷକ ମାନଙ୍କ ୬ ଦଫା ଦାବି ପୂରଣ ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ପକ୍ଷରୁ ଦିଆଯାଇଥିବା ଦାବି ପତ୍ର ଅନୁଯାୟୀ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ତୁରନ୍ତ ନିୟମିତ କରାଯିବା , ସମସ୍ତ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ , ଶିକ୍ଷକ ମାନଙ୍କୁ ପୁରୁଣା ପେନସନ ପ୍ରଦାନ ବ୍ୟବସ୍ଥା କରିବା , ଶିକ୍ଷକ ମାନଙ୍କ ପଦୋନ୍ନତି ରେ ଓଟିଇଟି ର ବାଧକ ଦୁର କରିବା , ଶିକ୍ଷକ ମାନଙ୍କୁ ନିଜ ଜିଲ୍ଲାରେ ନିଯୁକ୍ତି କରିବା ଏବଂ ସମସ୍ତ ଶିକ୍ଷକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବା ରହିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଙ୍କୁ ପ୍ରଦାନ କରା ଯାଇଥିବା ଦାବି ପତ୍ର ରେ ଉଲ୍ଲେଖ କରାଯାଇନାହିଁ ଯେ ଶିକ୍ଷକ ସଂଘ ପକ୍ଷରୁ ୨୦୨୨ ମସିହା ନଭେମ୍ବର ମାସ ୨୭ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ଦାବି ପୂରଣ ଚାଲିଥିବା ଆନ୍ଦୋଳନକୁ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦୃଢ଼ ସମର୍ଥନ କରିବା ସହିତ ଶିକ୍ଷକ ମାନଙ୍କ ଏହି ନ୍ୟାଯ୍ୟ ଦାବିକୁ ପୁରଣ କରିବା ପାଇଁ ବିଧାନସଭାରେ ଦାବି କରୁଥିଲେ। ଏଣୁ ବର୍ତ୍ତମାନ ତାଙ୍କ ର ଦୃଷ୍ଟି ଆକର୍ଷଣ କରି ମନ୍ତ୍ରୀ ଶ୍ରୀ ମଲିକ ଉପରୋକ୍ତ ଦାବି ପୂରଣ ଦିଗରେ ଉଦ୍ୟମ କରିବା ପାଇଁ ଶିକ୍ଷକ ମାନେ ନିବେଦନ କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲିକ ଙ୍କୁ ଦାବି ପତ୍ର ପ୍ରଦାନ କରିବା ସମୟରେ ପୋଲସରା ବ୍ଲକ ରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷକ ନେତା ମାନେ ଉପସ୍ଥିତ ଥିଲେ।

## ମାରଦା ମହୋତ୍ସବ ସ୍ମରଣିକା ନିମନ୍ତେ ଲେଖା ପଠାନ୍ତୁ

ପୋଲସରା, ୧୪/୧୨ (ନି.ପ୍ର): ଶ୍ରୀ ଜଗନ୍ନାଥଙ୍କ ଅଢେଇ ବର୍ଷର ଲୀଳା ସ୍ଥଳ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପୀଠରେ ମାରଦା ମହୋତ୍ସବ ଆସନ୍ତା ୨୦୨୫ ଜାନୁଆରୀ ୧୪ , ୧୫ ଓ ୧୬ ତାରିଖ ତିନି ଦିନ ପାଇଁ ଅନୁଷ୍ଠିତ ହେବ। ପୂର୍ବରୁ ୨୦୨୩ ଓ ୨୪ ଦୁଇ ଥର ପୋଲସରା ସହରରେ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ମହୋତ୍ସବ ମାରଦା ମନ୍ଦିର ପରିସରରେ ଅନୁଷ୍ଠିତ ହେବା ଅତ୍ୟନ୍ତ ଆନନ୍ଦର ବିଷୟ ଏଥିରେ ଦ୍ୱିମତ ନାହିଁ। ମାରଦା ମନ୍ଦିର ବିଷୟରେ ଲୁଣିଘାଟି ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ଶୁଣିବା ଅପେକ୍ଷା ମାରଦା ମନ୍ଦିରର ପରିସରରେ ଅନୁଷ୍ଠିତ ମହୋତ୍ସବ ନିଶ୍ଚିତ ଭାବେ ଏକ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି ହେବା ସହ ଜଗନ୍ନାଥ ସଂସ୍କୃତି ଓ ସ୍ଥାନର ଐତିହ ବିଷୟରେ ଦର୍ଶକଙ୍କ ମନରେ ଅଧିକ ଧାରଣ ସୃଷ୍ଟି ହୋଇପାରିବ ଏହିରେ ସନ୍ଦେହ ନାହିଁ। ଆହୁରି ଜାଣି ଖୁସି ହେବେଯେ ଏହି ମାରଦା ମହୋତ୍ସବ ଉପଲକ୍ଷେ 'ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ' ସମ୍ପର୍କିତ ତଥ୍ୟ ଭିତ୍ତିକ ଓ ଗବେଷଣା ମୂଳକ ପ୍ରବନ୍ଧ ଓ ତଦନୁରୂପ କବିତାକୁ ନେଇ ଏକ ସୁଦୃଶ୍ୟ ସ୍ମରଣିକା ପ୍ରକାଶ ପାଇବବୋଲି ମହୋତ୍ସବ କମିଟି ନିଷ୍ପତ୍ତି ନେଇଛନ୍ତି। ପ୍ରବନ୍ଧ ଗୁଡ଼ିକ ଅତିବେଶିରେ ୩ ପୃଷ୍ଠା ଓ କବିତା ଗୁଡ଼ିକ ୧ ପୃଷ୍ଠା ଭିତରେ ଲେଖି ନିଜର କଲର ପାସ ଫୋଟ ସହିତ ଡ଼ିଟିପି କରି ଡିସେମ୍ବର ୨୦ ତାରିଖ ସୁଦ୍ଧା ସ୍ମରଣିକାର ସମ୍ପାଦକ ରାଧାଶ୍ୟାମ ପଣ୍ଡାଙ୍କ ନିକଟକୁ ପଠାଇବାକୁ ପଡିବ। ସମ୍ପାଦକଙ୍କ ଠିକଣା :- ରଧାଶ୍ୟାମ ପଣ୍ଡା ( ସ୍ମରଣିକା ସମ୍ପାଦକ), ମୁଖ୍ୟ ସଡକ, ପୋଲସରା ବ୍ଲକ ଛକ , ପୋଲସରା (ଗଞ୍ଜାମ)- ୭୬୧୧୦୫ ଅଟେ। ତାଙ୍କର ମୋବାଇଲ ନମ୍ବର ୯୪୩୯୮୫୧୨୧୬ ଓ ଇମେଲ ହେଲା maradamahotsav@gmail.com ।

## ଚାରିଛକ ଥାନା ଅଧିକାରୀ ସମ୍ବର୍ଦ୍ଧିତ

ନିମାପଡ଼ା ୧୪/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଚାରି ଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଙ୍କୁ ଚାରିଛକ ଦୈନିକ ହାଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚାରି ଛକ ଦୈନିକ ହାଟ ର ୨୯ ତମ ମହାଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।ସମାଜସେବୀ ତଥା ଦୈନିକ ହାଟ ର ପରିଚାଳକ ଶିଶିର କୁମାର ନାୟକ ଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଟ ର ସଭାପତି ଗୌରାଙ୍ଗ ପରିଡ଼ା ,ସଭାପତି ବ୍ରଜବନ୍ଧୁ ଦାସ ,ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି ,ସହ ସମ୍ପାଦକ କୈଳାଶ ମଲ୍ଲିକ ,କୋଷାଧ୍ୟକ୍ଷ ଭରତ ପରିଡ଼ା ,ଉପଦେଷ୍ଟା ପ୍ରଫୁଲ୍ଲ ସାହୁ ,ସଞ୍ଜୟ ସାହୁ,ଚନ୍ଦନ ଲେଙ୍କା ବାବୁ ସାହୁ ,ସଞ୍ଜୟ ପରିଡ଼ା,ପ୍ରକାଶ ସ୍ୱାଇଁ ରବୀନ୍ଦ୍ର ସାହୁ ଅନନ୍ତ ସାହୁ,ବାବାଜୀ ମଲ୍ଲିକ ସମେତ ହାଟ ର ସମସ୍ତ ବ୍ୟବସାୟୀ ଉପସ୍ଥିତ ରହି ଥାନା ଅଧିକାରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ସେ କାର୍ଯ୍ୟରେ ଯୋଗ ଦେବା ପରେ ବଜାର ରେ ଟ୍ରାଫିକ ସମସ୍ୟା ଦୂରୀକରଣ ହୋଇପାରିଛି ବୋଲି ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ନିକଟସ୍ଥ ପ୍ରାଚୀ ନଦୀରୁ ଜଳ କଳସ ଆଣି ପୂଜା ମଣ୍ଡପ ରେ ସ୍ଥାପନ କରିବା ପରେ ମା ଲକ୍ଷ୍ମୀ ଙ୍କ ଚକ୍ଷୁ ଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ପୂଜକ ରସାନନ୍ଦ ଦାସ ଓ ଦାଶରଥି ଦାସ (ଦାସିଆ ଭାଇନା ) ଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ କୈଳାସ ସାହୁ ରହିଥିଲେ ।ଚଳିତ ବର୍ଷ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରାଯାଉଛି ।ଆଠଗଡ଼ ରୁ ଆସିଥିବା ମହିଳା ପାଲା ଗାୟକ ଙ୍କ ପାଲା ଦେଖିବାକୁ ବହୁ ଜନ ସମାଗମ ହୋଇଥିଲା ବେଳେ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଉ ଥିବା ଜଣାପଡିଛି । ଥାନା ପକ୍ଷରୁ ଟ୍ରାଫିକ ସମସ୍ୟା କୁ ଆଖି ଆଗରେ ରଖି ବଜାରରେ ପୋଲିସ ମୃତୟନ୍ କରାଯାଇଛି ।

# ପଞ୍ଚାୟତ ମହାବିଦ୍ୟାଳୟରେ ସାଇବର ଅପରାଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଅତାବିରା ୧୪/୧୨ (ନି.ପ୍ର): ସମ୍ପ୍ରତି ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସାଇବର ଅପରାଧୀ ବିଭିନ୍ନ ଆଧୁନିକ କୌଶଳ ମାନ ଆପଣାଇ ଅନ୍ୟମାନଙ୍କୁ ଠକି ଚାଲିଛନ୍ତି । ସାଇବର ଅପରାଧୀ ଲୋକଙ୍କୁ ଠକିବାର ମୂଳ ଉଦ୍ଦେଶ୍ୟ ହେଲା ଆର୍ଥିକ ଶୋଷଣ କରିବା । ଲୋକମାନଙ୍କୁ କୌଣସି ପ୍ରକାର ପୁରସ୍କାରର ବିଜେତା କହି ମେସେଜ୍ ପଠାଇ ଆର୍ଥିକ ଓ ପାର୍ଶଲ୍ ପ୍ରଲୋଭନ ଦେଖାଇ, ଋଣ ପ୍ରଦାନକାରୀ ସଂସ୍ଥାର ସହାୟକ ସାଜି ଅଥବା ନିଜର ବ୍ୟକ୍ତିଗତ ତଥ୍ୟ ଓ ସିମ୍ ଅପଡେଟ କରିବା ନାମରେ ଓଟିପି ପ୍ରତି ପ୍ରେରଣ କରିବାକୁ ଫୋନ୍ କରି , ସେମାନଙ୍କ ପ୍ରେରିତ ଅଜଣା ଲିଙ୍କ୍ କ୍ଲିକ୍ କରିବାକୁ କହି ବିଭିନ୍ନ ପ୍ରକାରରେ ଠକିଥା'ନ୍ତି । ଏହାବ୍ୟତୀତ ଇଷ୍ଟାଗ୍ରାମ୍ , ଫେସବୁକ୍, ୱେବସାଇଟ୍, କ୍ୟୁଆର୍ କୋଡ୍ ରୁ ମଧ୍ୟ ଅସାବଧାନତା ବଶତଃ ଲୋକମାନେ ଠକାମୀର ଶିକାର ହୋଇଥା'ନ୍ତି । ଯଦି ଯେ କେହି(ବ୍ୟକ୍ତି , ଗୋଷ୍ଠୀ ଅଥବା ଅନୁଷ୍ଠାନ) ଠକାମୀର ଶିକାର ହୁଅନ୍ତି ତେବେ ଅତିଶୟ ଚିନ୍ତା ନ କରି ତୁରନ୍ତ ସାଇବର ଅପରାଧ ସମ୍ବନ୍ଧୀୟ ସହାୟତା ନମ୍ବର ୧୯୩୦ ରେ ଯୋଗାଯୋଗ କରିବା କିମ୍ବା ନିକଟସ୍ଥ ପୋଲିସ ଷ୍ଟେସନର ସହାୟତା ନେବା ଉଚିତ୍ । ସମାଜରେ ନିଜକୁ ସ୍ୱତନ୍ତ୍ର ଭାବେ ପରିଗଣିତ ହେବାର ଅହେତୁକ ଉତ୍ସୁକତା, ବସ୍ତୁତାନ୍ତ୍ରିକ ଜୀବନଶୈଳୀରେ ବାଟବଣା ହୋଇ ଗଠନମୂଳକ କାର୍ଯ୍ୟରେ ବସ୍ତୁର ବ୍ୟବହାର ଅପେକ୍ଷା ଦୁରୁପଯୋଗ ହେତୁ ଲୋକମାନେ ଡିଜିଟାଲ ପ୍ରଯୁକ୍ତିବିଦ୍ୟା(ମୋବାଇଲ୍, ଲାପଟପ୍ , ଇଣ୍ଟରନେଟ୍ ଇତ୍ୟାଦି )ର ଅଯଥୋଚିତ ଉପଯୋଗ କରିଥା'ନ୍ତି ଏବଂ ଠକାମୀର ଶିକାର ହୋଇଥା'ନ୍ତି । ତେଣୁ ଏଥିରୁ ବର୍ତ୍ତିବାକୁ ହେଲେ ସଚେତନତା ଓ ସତର୍କତା ଅବଲମ୍ବନ କରିବା ହିଁ ସର୍ବୋତ୍କୃଷ୍ଟ ପନ୍ଥା ବୋଲି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ପାଳିତ ସାଇବର ଅପରାଧ ସଚେତନତା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟର ଅପରାଧ ଶାଖାର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଇନ୍ଦୁରେଖା ପର୍ଶ୍ଵିମକବାଟ, ସମ୍ମାନିତ ଅତିଥି ଭାବରେ ପୋଲିସ ସବ୍ ଇନିସ୍ପେକ୍ଟର ମଙ୍ଗଳ କିସକୁ , ବରେଣ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ସଭା ଆୟୋଜନର ପ୍ରାକ୍ ସୂଚନା ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ ଆକାଶ କୁମାର ଭୋଇ କରିଥିଲାବେଳେ ସହକାରୀ ପ୍ରଫେସର ଶ୍ରୀ ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ସଭାରେ ଛାତ୍ରଛାତ୍ରୀ ସମେତ ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଡକ୍ଟର ସୁରେଶ୍ କୁମାର ମାଝୀ, ବିଭୂତି ଭୂଷଣ ଶତପଥୀ, ପୁଷ୍ପିତାରାଣୀ ବେହେରା, କ୍ରିଷ୍ଣକାନ୍ତ ଲାହାଙ୍ଗିର, ଝରଣା ବିଶ୍ୱାଳ, ତୁଷାରକାନ୍ତି ସାହୁ, ରମଣ ସାହୁ, ଅଜିତ୍ କୁମାର ସାହୁ , ଗଜିନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟ ବିଜେପି ପ୍ରଭାରୀ ସୁନୀଲ ବଂଶଲ ଙ୍କ ନିର୍ବାଚନୀ ପ୍ରସ୍ତୁତି ବୈଠକ



ବୁଗୁଡ଼ା ୧୪/୧୨ (ନି.ପ୍ର):ବିଜେପି ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଆଜି ପୋଲସରା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଘୁମୁସର ସାଂଗଠନିକ ଜିଲ୍ଲାର ୪ ଗୋଟି ନିର୍ବାଚନ ମଣ୍ଡଳୀର ଜିଲ୍ଲା ବିଜେପି କର୍ମକର୍ତ୍ତା ଓ ମଣ୍ଡଳ ସଭାପତିଙ୍କୁ ନେଇ ସାଙ୍ଗଠନିକ ବୈଠକ କରିଥିଲେ। ପୋଲସରା ନିର୍ବାଚନ ମଣ୍ଡଳୀର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବୁଦ୍ଧଖୋଲ ପାଦଦେଶରେ ଥିବା କଲ୍ୟାଣ ମଣ୍ଡପ ଠାରେ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଉପସ୍ଥିତରେ ଘୁମୁସର ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ପାଇଁ ନିଜ ଦଳର ମଣ୍ଡଳ ସଭାପତି, ବିଜେପି କର୍ମକର୍ତ୍ତା ଓ ସଂଯୋଜକ ବୃନ୍ଦଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା।ବୈଠକରେ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ମାନ୍ୟବର ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଜୟ ସ୍ୱାଇଁ, ଉପସଭାପତି ସନ୍ତୋଷ ତିଆଡି, ସାଧାରଣ ସମ୍ପାଦକ ଅନିଲ ପାଣ୍ଡା, ନୀଳମାଧବ ପାତ୍ର , କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ମହାନ୍ତି , ଗଙ୍ଗାଧର ନାୟକ, ଜୟନ୍ତୀ ପଢିଆରୀ, ଘୁମୁସର ସାଙ୍ଗଠନିକ ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଏସସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ ଓ ପୋଲସରା, ଭଞ୍ଜନଗର, ସୋରଡ଼ା ଓ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଆଲୋଚନା ଦୀର୍ଘ ୪ ଘଣ୍ଟା ଧରି ଚାଲିଥିବା ବେଳେ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ବଂଶଲ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ବିଜେପି ସଭାପତି ନିର୍ବାଚନ ଓ ମଣ୍ଡଳ ନିର୍ବାଚନ ତଥା ଜିଲ୍ଲା ନିର୍ବାଚନ କେମିତି କରାଯିବ ଓ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହୋଇପାରିବେ ସେଥିପାଇଁ କିଛି ଚିଠା ପ୍ରସ୍ତାବ ରଖିଥିଲେ। ଏହାସହିତ ନିର୍ବାଚନ ପାଇଁ ସବୁ ପଦପାଇଁ ବୟସ ସୀମା ମାପକାଠି ରହିବ ବୋଲି ପ୍ରକାଶ କରିଥିଲେ। ଯାହାକୁ ନେଇ ଯୁବବର୍ଗ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏହାସହ ମନ୍ତ୍ରୀ ଶ୍ରୀ ମଲିକ ମହିଳା ସଶକ୍ତିକରଣ, କୃଷକଙ୍କ ଆୟବୃଦ୍ଧି ଓ ଯୁବକମାନେ କିଭଳି ଭାବେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜର ରୋଜଗାର ପନ୍ଥା ଆପଣେଇବେ ତାହାକୁ ନେଇ ଆଲୋକପାତ କରି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ଥିଲେ। ପ୍ରଥମେ ପ୍ରଭାରୀଙ୍କୁ ପୋଲସରା ରାଣୀପଡା ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସେଠାରୁ ପୋଲସରା ସହର ଦେଇ ବୁଗୁଡା ବ୍ଲକର ଗୋଲିଆ ଠାରେ ପହଞ୍ଚିଥିଲେ। ସେଠାରେ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପରେ ବୁଗୁଡ଼ା ବିରଞ୍ଚିନାରାୟଣ ମନ୍ଦିର ଠାରେ ପହଞ୍ଚିଥିଲେ। ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସେଠାରୁ ବୁଦ୍ଧଖୋଲ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକ ସ୍ଥଳୀକୁ ପାଛୋଟି ନେଇଥିଲେ।

## ଲଟାବୁଦାରେ ଭର୍ତ୍ତି ବେଲଗୁଣ୍ଠା ପରିସଂଖ୍ୟାନ କାର୍ଯ୍ୟାଳୟ; ନାହାଁନ୍ତି ଜଣେ ମଧ୍ୟ କର୍ମଚାରୀ



ବେଲଗୁଣ୍ଠା ୧୪/୧୨ (ନି.ପ୍ର): ଚାଷୀଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାର ପ୍ରତି ବ୍ଲକ୍ ସ୍ତରରେ ପ୍ରତିଷ୍ଠା କରିଛନ୍ତି ପରିସଂଖ୍ୟାନ କାର୍ଯ୍ୟାଳୟ ଓ ବିଶେଷ କରି ଚାଷୀଙ୍କ ଧାନ, କାଜୁ ଏବଂ ଅନ୍ୟାନ୍ୟ ଅର୍ଥକରି ଫସଲର କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ପରିସଂଖ୍ୟାନ କାର୍ଯ୍ୟାଳୟ ଗୁଡିକ ସ୍ଥାପନ କରାଯାଇଥିଲା ଓ କିନ୍ତୁ ବର୍ତ୍ତମାନ ବହୁ ବ୍ଲକ୍ ରେ ପରିସଂଖ୍ୟାନ କାର୍ଯ୍ୟାଳୟ ଗୁଡ଼ିକ ଭୂତକୋଠି ପାଲଟିବାକୁ ବସିଲାଣି ଓ ୨୦୧୫ ମସିହାରେ ବେଲଗୁଣ୍ଠା ବ୍ଲକ୍ ରେ ସ୍ଥାପନ ହୋଇଥିବା ପରିସଂଖ୍ୟାନ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଅବ୍ୟବସ୍ଥା ଦେଖାଯାଇଛି ଓ ବର୍ତ୍ତମାନ ଏହି ପରିସଂଖ୍ୟାନ କାର୍ଯ୍ୟାଳୟରେ ଜଣେ ମଧ୍ୟ କର୍ମଚାରୀ ନଥିବ ଯୋଗୁଁ କାର୍ଯ୍ୟାଳୟ ସବୁଦିନ ତାଲା ବନ୍ଦ ହୋଇ ରହୁଛି ଓ କାର୍ଯ୍ୟାଳୟର ଚାରିପଟେ ଲଟାବୁଦା ମାଡ଼ିଯିବାରୁ ଏହା ବୁଲା କୁକୁର, ଅସାମାଜିକ ଲୋକ ଏବଂ ସରୀସୃପଙ୍କର ଆଡ୍ଡା ସ୍ଥଳୀ ପାଲଟିବା ବେଳେ ବାଟୋଇଙ୍କ ମୁକ୍ତ ପରିସ୍ରାଗାର ପାଲଟିଛି ଓ ଏହି କାର୍ଯ୍ୟାଳୟ ଦ୍ୱାରା ଅଞ୍ଚଳବାସୀ କୌଣସି ପ୍ରକାର ଲାଭାନ୍ୱିତ ହେଉ ନଥିବା ଯୋଗୁଁ ଏହି କାର୍ଯ୍ୟାଳୟଟି କଣ ପାଇଁ ପ୍ରତିଷ୍ଠା ହୋଇଥିଲା ତାହାର ଉତ୍ତର ଅଞ୍ଚଳ ବାସୀଙ୍କ ପାଖରେ ନାହିଁ ଓ ତେଣୁ ଏହି କାର୍ଯ୍ୟାଳୟରେ ତୁରନ୍ତ କର୍ମଚାରୀ ନିଯୁକ୍ତ କରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ୩ ଗୁରୁତର

ପାଟଣା ୧୪/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ର ତୁରୁମୁଙ୍ଗା ବୈତରଣୀ ପୋଲ ଉପରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ରେ ଉଭୟ ଗାଡ଼ିରେ ଥିବା ୩ ଜଣ ଚାଳକ ଓ ସହାୟକ ଗୁରୁତର ଆହତ ହୋଇ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଛି। ୪ ଲେନ ରାସ୍ତା ର ଗୋଟିଏ ପାର୍ଶ୍ୱ ରାସ୍ତା କାମ ପାଇଁ ବନ୍ଦ ରହିଥିବାରୁ ଗୋଟିଏ ପାର୍ଶ୍ୱରେ ଉଭୟ ଯାନବାହାନ ଯାଉଥିବା ସମୟରେ ଗାଡ଼ି ଦୁଇଟି ମୁହାଁମୁହିଁ ହୋଇଥିଲେ । ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ଓ ଖିରେଇଟାଙ୍ଗିରି ଟୋଲ୍ କର୍ମଚାରୀ ପହଞ୍ଚି ବହୁ ଉଦ୍ୟମ କରି ୩ ଜଣଙ୍କୁ ଗାଡ଼ି ଭିତରୁ ବାହାର କରିଥିଲେ ।

## ବାଗବାହାଲ ଗ୍ରାମରେ ଚାରି ତମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ

ନୂଆପଡା ୧୪/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ବାଗବହାଲ ଗ୍ରାମ ରେ ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ୪ତମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମାଣବସା ଗୁରୁବାର ଉପଲକ୍ଷେ ମା ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଗତ ସୋମବାର ଦିନ ଆରମ୍ଭ ହୋଇଥିବା ବେଳେ ଗ୍ରାମ ର ଶତାଧିକ ମହିଳା ଏକତ୍ରିତ ହୋଇ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପ ରେ ସ୍ଥାପନ କରିଥିଲେ ଏହି ପୂଜା ଆଜି ଶୁକ୍ରବାର ଦିନ ପୂର୍ଣ୍ଣାହୁତି ବା ବିସର୍ଜନ ହେବ। ପୂଜା ର କର୍ତ୍ତା ଭାବରେ ପରମେଶ୍ୱର ହଂସ ଏବଂ ତାଙ୍କ ଧର୍ମ ପତ୍ନୀ ପଦ୍ମା ହଂସ ଦାୟିତ୍ୱ ତୁଲାଇ ଥିବା ବେଳେ। ପୁରୋହିତ ଅଚ୍ଛୁତାନନ୍ଦ ସତପତି ମୁଖ୍ୟ ପୂଜକ ଭାବରେ ପୂଜା କରୁଥିଲେ। ପୂଜା କମିଟି ର ସଭାପତି କିତ ରାଉତ, ସମ୍ପାଦକ ତ୍ରିନାଥ ମାଝୀ, କୋଷାଧକ୍ଷ ଲଇବାନ ଦୁରିଆ,ଯୁଗଳ କିଶୋର ମାଝୀ, ରାଜକୁମାର ବେମାଲ, କଷ୍ଟି ମାଝୀ, ଲକ୍ଷୀ ଧରୁଆ, ରଷୁ ହାତୀ, ବେଦ ହାତୀ, ଦେବସିଂ ମାଝୀ, ନରେନ୍ଦ୍ର ସିଂ ଠାକୁର, ମକର ଧଜ୍ୱ ହାତୀ, ଜିତ ଦୁରିଆ, ଲଛିନ୍ଦ୍ର ମାଝୀ, ଭୋଦ୍ଧେ ମାଝୀ, ନରହରି ମାଝୀ, ବିଦ୍ୟାଧର ମାଝୀ, ପୁସ୍ତମ ମାଝୀ, ମଦନ ମାଝୀ,ରମଣ ମାଝୀ, ଧରାମେନ୍ଦ୍ର ମାଝୀ, ଭିବିଷଣ ମାଝୀ ସହ ଗ୍ରାମର ସମସ୍ତ କର୍ମ କର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। ପୂଜା ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ରାତ୍ରି ହେଲେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଗାଁ ଗରଜି ଉଠୁଥିବା ବେଳେ ଆଖପାଖ ର ଅଞ୍ଚଳ ର ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା ।

# ଗଣବଳାତ୍କାର ମାମଲା, ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ପିଡିତାଙ୍କୁ ୧୫ ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର ୧୪/୧୨ (ନି.ପ୍ର):ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଏକ ନାବାଳିକା ଗଣବଳାତ୍କାର ମାମମଲାର ଚୁଡାନ୍ତ ରାୟ ପ୍ରକାଶ କରି ୨ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ୨ ଜଣ ହେଲେ ଗୋଳନ୍ଥରା ଅଞ୍ଚଳର ରୁତୁରାଜ ବେହେରା(୩୦) ଓ ହେମନ୍ତ ବେହେରା(୨୮)। ଆଜୀବନ କାରାଦଣ୍ଡ ସହ ଉଭୟ ଅଭିଯୁକ୍ତଙ୍କୁ ୩୫ ହଜାର ଲେଖାଏଁ ଜୋରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡିତା ନାବାଳିକାଙ୍କୁ ୧୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ଗୋଳନ୍ଥରା ଥାନା ଅଞ୍ଚଳର ପିଡିତା ନାବାଳିକା ଜଣଙ୍କ ୨୦୨୧ ଜାନୁଆରୀ ୨୮ ତାରିଖରେ ନିଜ ଘର ନିକଟରେ ଖେଳୁଥିବା ବେଳେ ଅଭିଯୁକ୍ତମାନେ ତାକୁ ଚକଲେଟ ଦେବାକୁ ଡାକିଥିଲେ । ଏହାପରେ ନାବାଳିକାଙ୍କୁ ନିକଟସ୍ଥ ଏକ ଘରକୁ ଟେକି ନେଇ ଗଣବଳାତ୍କାର କରିଥିଲେ । ଧରାପଡିଯିବା ଭୟରେ ଉଭୟ ନାବାଳିକାଙ୍କ ବେକକୁ କାଟି ଦେବା ମୁଣ୍ଡକୁ ପଥରେ ଛେଚି ଦେଇଥିଲେ । ତେବେ ଘଟଣା ସମୟରେ ସେହି ନିକଟରେ ଖେଳୁଥିବା ନାବାଳିକାଙ୍କ ସାନ ଭାଇ ଚିତ୍କାର କରିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଉଥିଲେ । ଏହି ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଉଭୟଙ୍କୁ କାବୁ କରିଥିଲେ । ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(ନଂ-୨୭)ରୁଜୁ କରି ତଦନ୍ତ କରିବା ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଏପଟେ ଗୁରୁତର ଆହତ ହୋଇଥିବା ନାବାଳିକାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେ ଅନେକ ଦିନ ଧରି ଚିକିତ୍ସିତ ହୋଇଥିଲେ ମଧ୍ୟ ଅବସ୍ଥା ସୁଧୁରି ନଥିଲା । ବର୍ତ୍ତମାନ ସୁଧା ନାବାଳିକାଙ୍କ ସ୍ୱାସ୍ଥ୍ୟ ପୂର୍ବବସ୍ଥାକୁ ଫେରିନଥିବା ଜଣାପଡିଛି । ତାଙ୍କ ଆଖିକୁ ଦିଶୁନଥିବା ବେଳେ କାନକୁ ଶୁଣା ଯାଉନାହିଁ । ଗିରଫ ପରଠାରୁ ଉଭୟ ଅଭିଯୁକ୍ତ ଜେଲରେ ଥିଲେ। ଏପଟେ ଏହି ଚର୍ଚ୍ଚିତ ଘଟଣାର ତଦନ୍ତ କରି ଗୋଳନ୍ଥରା ଥାନାର ତତକାଳୀନ ଥାନା ଅଧିକାରୀ ବାବୁଲି ନାୟକ ଓ ତତକାଳୀନ ସହର ଏସଡିପିଓ ଜୟନ୍ତ ମହାପାତ୍ର ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣ ବେଳେ ମୋଟ ୨୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟର ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ବିଚାରଣା ବେଳେ ଉଭୟ ଅଭିଯୁକ୍ତଙ୍କୁ ଆଜି ଅଦାଲତରେ ହାଜର କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଅଳିଆ ଫିଙ୍ଗାରୁ ମହାଭାରତ

## ୧୫ବର୍ଷ ପରେ ନ୍ୟାୟ ପାଇଲେ ନବେ ବର୍ଷୀୟ ଦମ୍ପତ୍ତି

ଛତ୍ରପୁର ୧୪/୧୨ (ନି.ପ୍ର): ଝିମିଟି ଖେଳରୁ ମହାଭାରତ ପରି ଅଳିଆ ପକାଇବାକୁ ନେଇ ଛତ୍ରପୁରଥାନା ସ୍ଥିତ ହଂସପୁରରେ ଏକ ଅଭାବନୀୟ ଘଟଣା ୨୦୦୯ ମସିହାରେ ଘଟିଯାଇଥିଲା; ଯେଉଁ ମାମଲାର ଶୁଣାଣି କରି ଶୁକ୍ରବାର ଦିନ ଛତ୍ରପୁର ଏସଡ଼ିଜେଏମ୍ ପ୍ରୀତିଶ କୁମାର ରଥ ଦୁଇ ଜଣ ଅଭିଯୁକ୍ତ ପୁଟିଆପଦର ନିବାସୀ ଶ୍ରୀମତୀ ଶାନ୍ତି ପ୍ରଧାନ ଓ ଶ୍ରୀମତୀ ବାସନ୍ତୀ ପ୍ରଧାନଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ ଚେତାବନୀ ଦେଇ ଜିଲ୍ଲା ପ୍ରୋବେଶନ ଅଧିକାରୀଙ୍କ ନଜରରେ ଏକ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରଖିବା ସହ ଏକ ଶୃଙ୍ଖଳାଗତ ରିପୋର୍ଟ ପ୍ରଦାନ କରିବେ ବୋଲି ନିଜ ବିଚାରରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୦୯ ମସିହା ଜାନୁଆରୀ ୧୭ ତାରିଖ ସନ୍ଧ୍ୟା ୭ଘଟିକା ସମୟରେ ଅଭିଯୋଗକାରିଣୀ ଲାବଣ୍ୟ ପ୍ରଧାନଙ୍କ ଶାଶୁ ତାଙ୍କ ଘରେ ଏକାକୀ ଥିବା ସମୟରେ ସାମାନ୍ୟ ଅଳିଆ ପକାଇବା ଘଟଣାକୁ କେନ୍ଦ୍ର କରି ଅଭିଯୁକ୍ତ ଦାସ ସେଠୀ, ବାସନ୍ତୀ ପ୍ରଧାନ, ଶାନ୍ତି ପ୍ରଧାନଅସେଠୀ, ଯମୁନା ସେଠୀ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କୁ ରକ୍ଷା କରିବାକୁ ଯାଇ ଅଭିଯୋଗକାରିଣୀ, ତାଙ୍କ ଝିଅ, ଶାଶୁ ଓ ଶଶୁର ଉକ୍ତ ସ୍ଥାନରେ ପହଞ୍ଚି ଆକ୍ରୋଶର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ମୁଣ୍ଡକୁ କ୍ଷତାକ୍ତ କରିଥିଲେ, ସେହିପରି ତାଙ୍କ ନାବାଳିକା ଝିଅର ଛାତିକୁ ପଥର ମାରିକି ଅଚେତ କରିଦେଇଥିଲେ ତଥା ତାଙ୍କ ବୃଦ୍ଧାଶାଶୁଙ୍କ ନାକ ଓ ହାତକୁ କ୍ଷତାକ୍ତ କରିବା ସହ ବୃଦ୍ଧଶଶୁରଙ୍କ ଦୁଇ ଗୋଡ଼କୁ ଠେଙ୍ଗାରେ ମାରି ରକ୍ତାକ୍ତ କରି ଘଟଣାସ୍ଥଳରେ ଜୀବନରେ ମାରିବାକୁ ଧମକ ଦେଇ ସେହି ସ୍ଥାନରୁ ପଳାଇଥିଲେ। ପରେ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଉକ୍ତ ଘଟଣାକୁ ନେଇ ଅଭିଯୋଗକାରିଣୀ ଶ୍ରୀମତୀ ଲବଣ୍ୟ ପ୍ରଧାନ ଛତ୍ରପୁର ଥାନାରେ ୧୮-୧-୨୦୦୯ରେ ଅଭିଯୋଗ କରିଥିଲେ ଯାହାକି ଛତ୍ରପୁର ଏସଡ଼ିଜେଏମ୍ କୋର୍ଟରେ ବିଚାରାଧୀନ ରହିଥିଲା। ପର୍ଯ୍ୟାୟ କ୍ରମେ ସବ ଇନ୍ସପେକ୍ଟର ଯୋଗେଶ୍ୱର ପଣ୍ଡା, ଗୀତାଞ୍ଜଳି ପଣ୍ଡା ତଥା ଏଏସଆଇ ସୂର୍ଯ୍ୟ ନାରାୟଣ ବେହେରା ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଉଲ୍ଲେଖଯୋଗ୍ୟ, ଏହି ମାମଲା ୧୫ବର୍ଷ ଧରି ନ୍ୟାୟାଳୟରେ ପଡିରହିଥିଲା। କିନ୍ତୁ ଏହି ବର୍ଷ ଯେତେବେଳେ ମାମଲା ସାମନାକୁ ଆସିଲା ସେତେବେଳେ ତ୍ୱରିତ ପଦକ୍ଷେପସ୍ୱରୂପ ଚାର୍ଜ ଫ୍ରେମ ହେବା ସହ ସେପ୍ଟେମ୍ବର ମାସରେ ବିଚାରଣା ଆରମ୍ଭ ହୋଇଥିଲା ଯେଉଁଥିରେ ଜଣାପଡିଥିଲା, ଏହି ମାମଲାର ପ୍ରତ୍ୟକ୍ଷଦର୍ଶୀ ତଥା ଭୁକ୍ତଭୋଗୀ ବୃଦ୍ଧ ଯାହାଙ୍କୁ ଏବେ ୯୦ବର୍ଷ ଓ ବୃଦ୍ଧା ୮୫ ବର୍ଷ ସେ ଏବେ ବି ନ୍ୟାୟପାଇବା ପାଇଁ ଅପେକ୍ଷାରତ। ତେଣୁ ମାମଲାକୁ ତ୍ୱରାନ୍ୱିତ କରାଯାଇ ମାମଲାର ବିଚାରଣା ସମୟରେ ନିଆଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ମିଶାଇ ୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଶୁକ୍ରବାର ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତମାନଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ବିରତ ରହିବାକୁ ଚେତାଇ ଦେବା ସହ ବର୍ଷେ ପର୍ଯ୍ୟନ୍ତ ପ୍ରୋବେଶନ ଅଫିସରଙ୍କ ନଜରାଧୀନ ରହିବେ ବୋଲି ନିଜର ରାୟ ଦେଇଥିଲେ। ସେହିପରି ଏଥିରେ ଥିବା ଅନ୍ୟ ଅଭିଯୁକ୍ତ ଯମୁନା ସେଠୀ ମାମଲାର ବିଚାର ଆରମ୍ଭ ହେବା ପୂର୍ବରୁ ମୃତ୍ୟୁ ବରଣ କରିଛନ୍ତି ତଥା ଅନ୍ୟ ଅଭିଯୁକ୍ତ ଦାସ ସେଠୀ ଆଜି ବି ପଳାୟନ କରିଥିବା ସୂଚନା ମିଳିଛି।

# ଭିଡିଓ ଭାଇରାଲ ପରେ ହୋମଗାର୍ଡଙ୍କ ସମେତ ୫ ଗିରଫ

ବାଲିଗୁଡା ୧୪/୧୨ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗଞ୍ଜେଇ ଗଛକୁ ନ କାଟିବା ପାଇଁ ଗଞ୍ଜେଇ ଚାଷୀଙ୍କ ସହ କଥାବାର୍ତ୍ତା ହେଉଥିବା ଅଡିଓ ଭାଇରାଲ ଘଟଣାରେ ପରେ ପୋଲିସର କାର୍ଯ୍ୟାନୁଷ୍ଠାନ। ଦାରିଙ୍ଗବାଡ଼ି ପୋଲିସ ଜଣେ ହୋମଗାର୍ଡଙ୍କ ସହ ୫ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଦାରିଙ୍ଗବାଡ଼ି ଥାନାର ହୋମଗାର୍ଡ ସତ୍ୟଜିତ ମଲିକଙ୍କ ସମେତ ଗଞ୍ଜେଇ ଚାଷରେ ସମ୍ପୃକ୍ତି ଥିବା ମାନସ ପ୍ରଧାନ, ରାଜୁ ବେହେରା, ପ୍ରଫୁଲ କୁମାର ପ୍ରଧାନ ଏବଂ ଆଦିକନ୍ଦ ପ୍ରଧାନ ବୋଲି ଏକ ଖବରଦାତା ସମ୍ମିଳନୀରେ କନ୍ଧମାଳ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ସୂଚନା ଦେଇ କହିଛନ୍ତି ଯେ, ଗୁରୁବାର ଉକ୍ତ ଥାନା ପରପାଙ୍କା ଏବଂ ପ୍ଲିହେରି ଅଞ୍ଚଳରେ ୭୦ ଏକର ଜମିରେ ଗଞ୍ଜେଇ ଗଛ କଟାଯାଇଛି। ବେଆଇନ ଗଞ୍ଜେଇ ଗଛ ବିରୋଧରେ କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶ ପ୍ରକାରେ ସାରା ଜିଲାରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷକୁ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଉକ୍ତ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ଚାଲିଥିବା ଖବର ପାଇବା ପରେ ଆଇଆଇସି ଅଶୋକ କୁମାର ହାଁସଦାଙ୍କ ନେତୃତ୍ୱରେ ପୋଲିସ ଗଞ୍ଜେଇ ଗଛ କାଟି ଥିଲା। ତେବେ ପୂର୍ବରୁ ଏହି ଚାଷକୁ କାର୍ଯ୍ୟରତ ହୋମଗାର୍ଡ ସତ୍ୟଜିତ୍ ? ଗଛ କଟାଯିବ ନାହିଁ ବୋଲି ଚାଷୀଙ୍କୁ ଉକ୍ରୋଚ ଦାବି କରିଥିଲେ। ତୁରନ୍ତ ସନ୍ଧ୍ୟା ଭିତରେ ପହଞ୍ଚି ବଡ଼ ସାରଙ୍କୁ ଭେଟିବାକୁ ସେ ପରାମର୍ଶ ଦେଇଥିଲେ। ଯାହାକି ଅଡିଓ ଭାଇରାଲର ପ୍ରାଥମିକ ତଦନ୍ତରେ କାର୍ଯ୍ୟାନୁଷ୍ଠାନ କରାଯାଇଥିବା ବେଳେ ଏହାର ଅଧିକ ତଦନ୍ତ ଚାଲିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଆଡିଶନାଲ ଏସ୍ ?ପି ) ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡ଼ା ଏସ୍ ?ଡିପିଓ କମଳ କୁମାର ପଣ୍ଡା, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ଆମଝର ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ଅତାବିରା ୧୪/୧୨ (ନି.ପ୍ର): ଶୁକ୍ରବାର ଅତାବିରା ବ୍ଲକ ଅଧିନ ଟାଂଗରପାଲି ପଂଚାୟତ ଆମଝର ୟୁଥ କ୍ଲବ ତରଫରୁ ଆମଝର ଖେଳପଡିଆରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ ।ଯଥା ଅମଲିପାଲି, କନ୍ତଲ, ସୁଡାପାଲି,ଜୁନାନୀ, ଖରମୁଣ୍ଡା,ଗମ୍ଭାରୀପାଲି,ବାଟିମୁଣ୍ଡା ଓ ଟାଂଗରପାଲି ।ଫାଇନାଲ ମ୍ୟାଚଟି ସୁଡାପାଲି ଓ ଗମ୍ଭାରୀପାଲି ମଧ୍ୟରେ ହୋଇଥିଲା ।ଏଥିରେ ସୁଡାପାଲି ଦଳ ୧୦ ୱିକେଟରେ ବିଜୟ ଲାଭ କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବିଜେପି କାର୍ଯ୍ୟକର୍ତ୍ତା ସରୋଜ ସାହୁ,ସମ୍ମାନୀତ ଅତିଥି ଭାବେ ଅଶୋକ ମହାକୁର,ସୁରେନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।ବିବେକ ଯାଦବ,ହେମନ୍ତ ଭୁଏ,ପଦ୍ମଲୋଚନ ପଧାନ,ଅଶ୍ୱିନୀ ଠେଠୁଆଲ,ସୁବୋଧ ପଧାନ,ପ୍ରଦୀପ ପଧାନ,ହୃଷିକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

## ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ୩ ଗୁରୁତର

ପାଟଣା ୧୪/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ର ତୁରୁମୁଙ୍ଗା ବୈତରଣୀ ପୋଲ ଉପରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ରେ ଉଭୟ ଗାଡ଼ିରେ ଥିବା ୩ ଜଣ ଚାଳକ ଓ ସହାୟକ ଗୁରୁତର ଆହତ ହୋଇ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଛି। ୪ ଲେନ ରାସ୍ତା ର ଗୋଟିଏ ପାର୍ଶ୍ୱ ରାସ୍ତା କାମ ପାଇଁ ବନ୍ଦ ରହିଥିବାରୁ ଗୋଟିଏ ପାର୍ଶ୍ୱରେ ଉଭୟ ଯାନବାହାନ ଯାଉଥିବା ସମୟରେ ଗାଡ଼ି ଦୁଇଟି ମୁହାଁମୁହିଁ ହୋଇଥିଲେ । ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ଓ ଖିରେଇଟାଙ୍ଗିରି ଟୋଲ୍ କର୍ମଚାରୀ ପହଞ୍ଚି ବହୁ ଉଦ୍ୟମ କରି ୩ ଜଣଙ୍କୁ ଗାଡ଼ି ଭିତରୁ ବାହାର କରିଥିଲେ ।

# ପ୍ରଧାନ ଶିକ୍ଷକ ବଦଳି ଦାବିରେ ସ୍କୁଲରେ ତାଲା ପକାଇ ଅନଶନରେ ଛାତ୍ରଛାତ୍ରୀ ଓ ଅଭିଭାବକ



ଆଠମଲ୍ଲିକ ୧୪/୧୨ (ନି.ପ୍ର): ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ଠେଲକନାଳି ପଞ୍ଚାୟତ ଅନ୍ତର୍ଗତ ଠେଲକନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଗ୍ରାମବାସୀ ସ୍କୁଲ ରେ ତାଲା ପକାଇ ଛାତ୍ର ଛାତ୍ରୀ ମାନଂକ ଙ୍କୁ ନେଇ ଧାରଣା ରେ ବସିଥିବା ଦେଖିବାକୁ ମିଳିଛି । ସୂଚନା ନେବାରେ ଜଣାଯାଏ କି ଗତ ବର୍ଷ ବିରଞ୍ଚି ପଧାନ ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ଦୁଃଖର ବିଷୟ ବର୍ଷେ ନ ପୁରୁଣୁ ବିଦ୍ୟାଳୟ ପରିଚାଳନା କମିଟି କୁ ନ ଜଣାଇ ଚଂଚକତା କରି ଉକ୍ତ ବିଦ୍ୟାଳୟରୁ ଗଡିକୃଷ୍ଣ ପୁର ପ୍ରାଥମିକ ବିଦ୍ୟାଳୟ କୁ ବଦଳି କରିଥିବା ଯୋଗୁଁ ଗ୍ରାମବାସୀ ଙ୍କ ମନରେ ଆସନ୍ତି ର ବାତାବରଣ ସୃଷ୍ଟି ହେବା ଫଳରେ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ଜଣାଇ ବାଧ ହୋଇ ବିଦ୍ୟାଳୟ ରେ ତାଲା ପକାଇ ଛାତ୍ର ଛାତ୍ରୀ ମାନଂକ ସହିତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ।

ବିଶେଷ ସୂତ୍ର ରୁ ଉକ୍ତ ଘଟଣା ଜାଣି ବ୍ଲକ ଶିକ୍ଷା ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝା ସୁଝା କରି ଘଟଣା ସ୍ଥଳରେ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ସହିତ ଫୋନ ଯୋଗେ କଥା ବାର୍ତ୍ତା ଅନୁସାରେ ଯାହାକି ୭ ଦିନ ଭିତରେ ବିଚାର କରି ବଦଳି କରାଯାଇଥିବା ପ୍ରଧାନ ଶିକ୍ଷକ ଙ୍କୁ ଠେଲକନାଳି ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ ଙ୍କୁ ଏକ ଲେଖଦେଇ ବିଦ୍ୟାଳୟ ଫାଟକ ରୁ ତାଲା ଖୋଲି ଅନଶନ ରୁ ଓହରି ଯାଇଥିଲେ । ଗ୍ରାମବାସୀ ଙ୍କ ଅଭିଯୋଗ କୁ ଗୁରୁତର ସହ ବିଚାର କରି ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଜାତୀୟସ୍ତରରେ ପୁରସ୍କୃତ ହେଲା କୋରାପୁଟ





କୋରାପୁଟ,୧୪/୧୨ (ନି.ପ୍ର): ଜାତୀୟ ସ୍ତରରେ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଛି ।ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ବର୍ଗରେ କୋରାପୁଟ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ ହୋଇଛି। ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କାର ପ୍ରଦାନ କରିଛନ୍ତି ।କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ପୁରସ୍କାର ଗ୍ରହଣ କରିଥିଲେ ।ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।ଏହି ବାବଦରେ କୋରାପୁଟ ଜିଲ୍ଲା ୩ କୋଟି ଟଙ୍କାର ପୁରସ୍କାର ରାଶି ପାଇଛି। ଜାତୀୟ ସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । କୋରାପୁଟ ଜିଲ୍ଲା ତଥା ଓଡ଼ିଶା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା କହିଛନ୍ତି ।ଏହି ପୁରସ୍କାର ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଉତ୍ସର୍ଗୀକୃତ ଏବଂ ଏହି ସଫଳତା ପାଇଁ ଜିଲ୍ଲାର ସମସ୍ତ ପଂଚାୟତରାଜ ଜନ ପ୍ରତିନିଧି ମାନଙ୍କ ଭୂମିକା ପ୍ରଶଂସାୟ ବୋଲି ଜିଲ୍ଲାପାଳ କହିଛନ୍ତି।

# ବିଶ୍ୱବିଦ୍ୟାଳୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଉଦଘାଟିତ




ବାରିପଦା,୧୪/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ୨୦୨୪ ଉଦଘାଟିତ ହୋଇ ଯାଇଛି । ଆଗାମୀ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍ ?ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ ?ଘାଟନ କରିଥିଲେ. ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧକ୍ଷତା କରି ଫିଟ ଇଣ୍ଡିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହ କେବଳ ଶାରୀରିକ ସ୍ତରରେ ନୁହେଁ ମାନସିକ ସ୍ତରରେ ମଧ ଫିଟ ରହିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ ଫିଟ ଇଣ୍ଡିଆର ଶପଥ ପାଠ କରାଯାଇଥିଲା. କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ଓ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ, ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧୀରସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ, ପୋଷ୍ଟର, ଦଉଡ଼ିଡିଆଁ, ଦୌଡ଼, ଯୋଗ, ଓ ବିଭିନ୍ନ ପାରମ୍ପାରିକ ଭାରତୀୟ କ୍ରୀଡ଼ା ଆୟୋଜନ କରାଯିବ ବୋଲି ଜଣାଯାଇଛି ।

# ରାଜଧାନୀ ମହାବିଦ୍ୟାଳୟରେ "ଶ୍ରେଣୀ କକ୍ଷରୁ କର୍ମସ୍ଥଳ" ଶୀର୍ଷକ ଆଲୋଚନାଚକ୍ର




ଭୁବନେଶ୍ୱର,ବରମୁଣ୍ଡା ସ୍ଥିତ ରାଜଧାନୀ ମହାବିଦ୍ୟାଳୟର ବୃତ୍ତିଗତ ଅଧ୍ୟୟନ ବିଭାଗ (ଡିପାର୍ଟମେଣ୍ଟ ଅଫ ପ୍ରଫେସନାଲ ଷ୍ଟଡ଼ିଜ) ପକ୍ଷରୁ ମଙ୍ଗଳବାର ଦିନ "ଶ୍ରେଣୀ କକ୍ଷରୁ କର୍ମସ୍ଥଳ" ପର୍ଯ୍ୟନ୍ତ ଶୀର୍ଷକ ଏକ ଆଲୋଚନାଚକ୍ର ବ୍ୟାଚେଲର ଅଫ ବିଜନେସ ଆଡମିନିଷ୍ଟ୍ରେସନ (ବିବିଏ) ବିଭାଗର ମୁଖ୍ୟ ନିହାର ରଞ୍ଜନ ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଟା କନ୍ସଲଟାନ୍ସି ସର୍ଭିସେସ (ଟିସିଏସ) ର ମାନବ ସମ୍ବଳ ବିଭାଗର ମୁଖ୍ୟ ଅଭିନାଶ ସାମଲ ମୁଖ୍ୟବକ୍ତା ଏବଂ ସେଲ୍ଫ ଫାଇନାନ୍ସ କୋର୍ସ ର ନିର୍ଦ୍ଦେଶକ ଶିଶିର ପାଣିଗ୍ରାହୀ ଓ ଟ୍ରଷ୍ଟି ମହେଶ ପଟ୍ଟନାୟକ ସମ୍ମାନିତ ଅତିଥି ଭବେ ଯୋଗ ଦେଇଥିଲେ। ଟିସିଏସ ର ମାନବ ସମ୍ବଳ ବିଭାଗର ମୁଖ୍ୟ ଶ୍ରୀ ସାମଲ କହିଲେ ଯେ ଛାତ୍ର ଜୀବନ ଠାରୁ ଆରମ୍ଭ କରି କର୍ମମୟ ଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ରେ କୃତ୍ରିମ ବୁଦ୍ଧିମତ୍ତାର ଆହ୍ୱାନ ରହିଛି । ବର୍ତ୍ତମାନ ସମୟ ହଉଛି କୃତ୍ରିମ ବୁଦ୍ଧିମତ୍ତାର ସମୟ । ଛାତ୍ରଛାତ୍ରୀ ମାନେ ସାଧାରଣ ଗଣିତ ଠାରୁ ଆରମ୍ଭ କରି ଗୁଗୁଲ ସର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ର ପ୍ରୟୋଗ କରୁଛନ୍ତି । ଏହା ସତ୍ୟଯେ ଭବିଷ୍ୟତରେ ଏହା କର୍ମ ସଂକୋଚନ କରିବ। ଏଣୁ ଛାତ୍ରଛାତ୍ରୀ ମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହାକୁ ପ୍ରୟୋଗ କରି ଉପଭୋଗ କରୁଥିବା ବେଳେ ଭବିଷ୍ୟତରେ ଆହ୍ୱାନ ପ୍ରତି ମଧ ନିଜକୁ ପ୍ରସ୍ତୁତ କରି ରଖିବା ଆବଶ୍ୟକ । ଜୀବିକା ସନ୍ଧାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାକୁ ଭୟ ନକରି ନିଜର ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଏହାର ଆହ୍ୱାନକୁ ସମ୍ମୁଖୀନ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ଏହାକୁ ଭୟ କରିଗଲେ ଜୀବନରେ ସଫଳତା ମିଳିବ ନାହିଁ ଓ ଏହାକୁ ବ୍ୟବହାର କରିପାରୁଥିବା ଛାତ୍ରଛାତ୍ରୀ ହିଁ କର୍ମସ୍ଥଳରେ ସଫଳତା ଲାଭ କରିପାରିବେ। ସେ ଆହୁରି କହିଥିଲେ ଯେ ଆମେ ପରିବାର ଭିତରେ ବଢ଼ି ଆସିଛୁ ତେଣୁ ପରିବାରରେ ପିତାମାତା ଙ୍କ ପ୍ରତି ମଧ ଆମର କିଛି କର୍ତ୍ତବ୍ୟ ରହିଛି । ବ୍ୟସ୍ତ ବହୁଳ ଜୀବନ ଭିତରେ ତାଙ୍କ ପାଇଁ ମଧ ଆବଶ୍ୟକୀୟ ପରିମାଣ ର ସମୟ ବାହାର କରିବା ଉଚିତ। ଏକ ସୁସ୍ଥ ସାମାଜିକ ଜୀବନ ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ସାମଲ କହିଥିଲେ । ଏହି ଆଲୋଚନା ଚକ୍ର ରେ ବ୍ୟାଚେଲର ଅଫ କମ୍ପ୍ୟୁଟର ଆପ୍ଲିକେସନ (ବିସିଏ) ବିଭାଗର ମୁଖ୍ୟ ଶ୍ରୀମତୀ ସୌମ୍ୟା ପଟ୍ଟନାୟକ, ସହକାରୀ ଅଧ୍ୟାପକ କୈବଲ୍ୟ କର, ଅମ୍ଳାନ ମିଶ୍ର ଓ ପ୍ରଜ୍ଞା ପଦ୍ମଜା ପଣ୍ଡା , ଲ୍ୟାବ ଅଧ୍ୟାପକ ମନୋଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ବିଭାଗର ଗଣମାଧ୍ୟମ ସଂଯୋଜକ ବିଶ୍ୱରଂଜନ ସାହୁ ରେ ଓ ବିଭାଗର ଅଧିକାରୀ ଯଶୋବନ୍ତ ଭୋଇ ଓ ଅଜୟ କୁମାର ମାଣିଆ ପ୍ରମୁଖ ବିଶେଷ ସହାୟତା କରିଥିଲେ ।

# ବେଆଇନ ବାଲି ଉତ୍ତୋଳନ, ଗୋଚର ଜମିରେ ରାସ୍ତା ନିର୍ମାଣ ନେଇ ଅଭିଯୋଗ

କେନ୍ଦୁଝର,୧୪/୧୨ (ନି.ପ୍ର): ବୈତରଣୀ ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ ଓ ଚାଲାଣ ହେଉଥିବା ନେଇ ହାଟଡିହୀ ବ୍ଲକ ଆଇଡିପୁର ପଞ୍ଚାୟତ ଅମୃତପୁର ଗ୍ରାମର ଲୋକମାନେ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଗ୍ରାମର ସୀମା ଗେଡ଼ମା ଓ ହାବେଳଶ୍ୱର ପଞ୍ଚାୟତକୁ ଲାଗି ରହିଛି। କେତେକ ନ୍ୟସ୍ତ ବ୍ୟକ୍ତି ମନରେଗା ଯୋଜନାରେ ଏକ ରାସ୍ତା ନିର୍ମାଣ କରି ଉକ୍ତ ରାସ୍ତାଦେଇ ବୈତରଣୀ ନଦୀରୁ ଶହଶହ ଟ୍ରିପ୍ ? ବାଲି ଉତ୍ତୋଳନ କରି ବାହାର ଜିଲା ଭଦ୍ରକ, ବାଲେଶ୍ୱର ଆଦିକୁ ଚାଲାଣ ହେଉଥିବା ଅଭିଯୋଗ କରିଛନ୍ତି। ରାଜନୈତିକ ଚାପରେ ବାହାର ମୁଷ୍ଟିମେୟ ଓ ପ୍ରଭାବଶାଳୀ ଲୋକମାନେ ସ୍ଥାନୀୟ ପ୍ରଶାସନକୁ ହାତ କରି ଏହି କାରବାର କରୁଥିବା ଅଭିଯୋଗ କରୁଛନ୍ତି। ବାଲି ଖଣି ପାଇଁ କୌଣସି ଟେଣ୍ଡର ବା ବାଲି ଉଠାଣ ପାଇଁ କୌଣସି ନିଲାମ କରାଯାଉ ନ ଥିବାରୁ ଏଭଳି ବାଲି ବେଆଇନ ଭାବରେ ଚାଲାଣ ହେଉଥିବାରୁ ସରକାର ବ୍ୟାପକ ରାଜସ୍ୱ ହାନି ଘଟୁଛି। ନିର୍ମାଣ କରାଯାଇଥିବା ରାସ୍ତା ଯୋଗୁ ତାଙ୍କ ଗ୍ରାମର ଗୋଚର ଜମି ନଷ୍ଟ କରିବା ସହ ଜଙ୍ଗଲ ନଷ୍ଟ ଏବଂ ୩ଟି ପଞ୍ଚାୟତ ଚାଷଜମି ନଷ୍ଟ ହୋଇଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ରାସ୍ତା ଯୋଗୁ ଏକ ନାଳ ପୋତି ହୋଇଯାଇଛି। ଫଳରେ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରି ଆଖପାଖ ଚାଷଜମି ଜଳମଗ୍ନ ହୋଇଯାଉଛି। ଗୋଚର ଜମି ଉପରେ ରାସ୍ତା ନିର୍ମାଣ ହୋଇଥିବାରୁ ଉକ୍ତ ଅଞ୍ଚଳର ଏକ ହଜାରରୁ ଉର୍ଦ୍ଧ୍ୱ ଗୋରୁ ଚରିବାରେ ସମସ୍ୟା ଉପୁଜିଛି ବୋଲି ଉଲ୍ଲେଖ କରିଛନ୍ତି। ଏଣୁ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗଦାଧର ଦାସ, ନାରାୟଣ ଭୂତିଆ, ଶଶିକାନ୍ତ ଦାସ, ଶତ୍ରୁଘ୍ନ ଦାସ, ରମା ଦାସ, ପ୍ରମିଳା ଭୂତିଆ ସମେତ ବହୁ ଲିଖିତ ଭାବେ ନିବେଦନ କରିଛନ୍ତି।

# କୋରାପୁଟ ଜିଲ୍ଲାରେ ପ୍ରଥମ ଦିନରୁ କିଣା ହୋଇ ପାରିଲାନି ଧାନ, ଉଦଘାଟନରେ ସରିଗଲା ମଣ୍ଡି

କୋରାପୁଟ,୧୪/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ର ବୋରିଗୁମ୍ମା ବ୍ଲକ ର କାମରା ଠାରେ ଆଜି ଜିଲ୍ଲା ପ୍ରଶାସନ ଦ୍ୱାରା ମଣ୍ଡି ଉଦଘାଟନ ହୋଇ ଯାଇଛି। କିନ୍ତୁ ଆଜି ମଣ୍ଡିରେ ପ୍ରଥମ ଦିନରୁ ଧାନ କିଣା ଯାଇ ପାରିନି। ଏହାର କାରଣ ସରକାର ଙ୍କ ପ୍ରଦତ୍ତ ଧାନ ର ମାନ ନିର୍ଦ୍ଧାରଣ କରିବା ମେସିନ ରେ ଚାଷୀ ମାନଙ୍କ ଧାନ ର ମାନ ଠିକ ବାହାରି ପାରିନି। ଚଳିତ ଖରିଫ ରେ କୋରାପୁଟ ଜିଲ୍ଲା ପାଇଁ ସରକାର ରଖିଛନ୍ତି ୧୧୧ ଟି ମଣ୍ଡି ।ନୂଆ ସରକାର ଙ୍କ ପ୍ରଥମ ମଣ୍ଡି ଭାବେ ଜିଲ୍ଲାର କାମରା ରୁ କରାଯାଇଥିଲା ଶୁଭାରମ୍ଭ କିନ୍ତୁ ମଣ୍ଡି କୁ ନେଇ ଯେତିକି ଚିନ୍ତା କରୁନି ଚାଷୀ ତା ଠାରୁ ଅଧିକା ଚିନ୍ତା ବଢ଼ାଇଛି ଏଫ୍.ଏ କ୍ୟୁ ତଥା ଧାନ ର ମାନ ପରିକ୍ଷା ପାଇଁ ଆସିଥିବା କମ୍ପ୍ୟୁଟର ମେସିନ। ଚାଷୀ ମାନେ କହି ଛନ୍ତି ଆମେ ଆଣିଛୁ ଏଫ୍.ଏ କ୍ୟୁ ମାନର ଧାନ କିନ୍ତୁ ମେସିନ ରେ ବାହାରୁଛି ନନ ଏଫ୍.ଏ କ୍ୟୁ । ଚାଷୀ ମାନେ ଏହାକୁ ଦେଖି ଚକିତ ହୋଇ ଯାଇଛନ୍ତି। ଚାଷୀ ମାନେ ମଣ୍ଡି କୁ ଆଣିବା ପୂର୍ବରୁ କିଛି ଜାଗାରେ ଧାନ ର ମାନ ପରୀକ୍ଷା କରାଇ ଆଣି ଥାଆନ୍ତି କିନ୍ତୁ ମଣ୍ଡିରେ ମେସିନ ରେ ଏପରି ମାନ ବାହାରିବା ପରେ ଚାଷୀ ଆଣିଥିବା ଧାନ କୁ ନେବେ କୁଆଡେ ଚିନ୍ତାରେ ପଡ଼ିଛନ୍ତି। ଏଥିରେ ନେବା ଆଣିବା ରେ ଚାଷୀ ଙ୍କ କଷ୍ଟ ଯାଇଛି ।ଚଳିତ ଖରିଫ ମଣ୍ଡି ପାଇଁ କୋରାପୁଟ ଜିଲ୍ଲା କୁ ମିଳିଛି ୨୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ। ଜିଲ୍ଲାର ସୀମାନ୍ତ ରେ ଥିବା କାମରା ରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ମିଳିତ ଭାବେ ଆରମ୍ଭ କରିଥିବା ବେଳେ ଯୋଗ ଦେଇଥିଲେ ଚାଷୀ, ମିଲର ଓ ଲାମ୍ପ ଓ ଆର ଏମ ସି ର ଅଧିକାରୀ। ଜିଲ୍ଲାର ପ୍ରତି ମଣ୍ଡି କୁ ତଦାରଖ କରିବା ପାଇଁ ଜିଲ୍ଲା ସ୍ତରୀୟ ଅଧିକାରୀ ହ ନିୟୋଜିତ ହୋଇଛନ୍ତି ଏଥି ସହ ସ୍ୱତନ୍ତ୍ର ଟୋଲ ଫ୍ରି ନମ୍ବର ମଧ ଜାରି କରିଛନ୍ତି। ଚାଷୀ ଙ୍କ କୌଣସି ଅସୁବିଧା ହେଲେ ସିଧା ସଳଖ ପ୍ରଶାସନ ଯୋଗାଇଥିବା ନମ୍ବର ରେ ଫୋନ କରି ଜଣାଇପାରିବେ। ସମସ୍ତ ପ୍ରସ୍ତୁତି ଭିତରେ ଚାଷୀ ପ୍ରଥମ ଦିନରୁ କିପରି ସନ୍ତୁଷ୍ଟ ହେଉଛି ତାହା ଆଗାମୀ ମଣ୍ଡି ରେ ଜଣା ପଡ଼ିବ। ଆଜି ମଣ୍ଡି ବେଳେ ମୂଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଆଲ ମଣି ସେଠୀ, ଉପ ଜିଲ୍ଲାପାଳ ଜୟପୁର ଏ ଶସ୍ୟା ରେଡ୍ଡୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦିପ ପଣ୍ଡା, ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ରାଣୀ ସମରଥ, ତହସିଲଦାର ଅମୃତ ଲାଲ ବେହେରା, ଡି ଆର ସି ଏସ, ଏ ଆର ସି ଏସ,ଲ୍ୟାମ୍ପ ଏମ ଡି, ଆର ସି ଏମ ଏସ, ଆର ଏମ ସି, ସରପଞ୍ଚ କାମରା ଗୋପୀନାଥ ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା ନେଇ ଚାଷୀଙ୍କ ଚିନ୍ତା ବଢ଼ିଲା: ଏକର ଏକର ଚାଷ ଜମିରେ ପାଣି ଭର୍ତ୍ତି

ମାଲକାନଗିରି: ମାଲକାନଗିରି ଜିଲ୍ଲାରେ ଗତ କିଛି ଦିନ ହେଲା ଲଗାତାର ସନ୍ଧ୍ୟାରେ ବର୍ଷା ହେଉଛି ।ଯାହାଦ୍ୱାରା ଏହା ଜିଲ୍ଲାର ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥା ସାଜିଛି। ବର୍ଷା ଅପରାହ୍ନରୁ ଆରମ୍ଭ ହୋଇ ରାତି ତମାମ ବର୍ଷୁଛି। ଜିଲ୍ଲାର ଏକର ଏକର ଜମିରେ ପାଣି ଭର୍ତ୍ତି ହେବା ଯୋଗୁ ଧାନ ଫସଲ ନଷ୍ଟ ହେବାର ଦେଖିବାକୁ ମିଳିଛି। ବିଶେଷକରି ମାଥିଲି ଅଞ୍ଚଳରେ ପ୍ରବଳ ବର୍ଷା ହେଉଛି। ଚାଷୀ ନିଜ ଜମିରେ ଧାନ କାଟି ରଖିଥିବା ବେଳେ ଖୋଳାକୁ ଆଣିପାରି ନାହିଁ। ଯାହାଫଳରେ ଜମିରେ ପାଣି ଭର୍ତ୍ତି ହୋଇ ଧାନ ଫସଲ ନଷ୍ଟ ହୋଇଛି। ଅଦିନିଆ ବର୍ଷା ଜିଲ୍ଲାର ଚାଷୀଙ୍କର ବର୍ଷକର ଦାନାପାଣି ଏବଂ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି। ଆସନ୍ତା ୧୬ ତାରିଖରୁ ଜିଲ୍ଲାରେ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ଫସଲ ନଷ୍ଟ ହେଲେ ମଣ୍ଡିରେ ଧାନ ବିକ୍ରି ହେବା ଆଶଙ୍କା ଦେଖା ଦେଇଛି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ତେବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲ ରଞ୍ଜନ ମହାଲିକଙ୍କୁ ପଚାରିବାରୁ ଜିଲ୍ଲାରେ ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଥିବା ସେ ସ୍ୱୀକାର କରିଥିଲେ। ତେଣୁ ଆମର ବିଏଡବ୍ଲୁ ଏବଂ ରାଜସ୍ୱ ନୀରିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ଅଦିନିଆ ବର୍ଷା ଯୋଗୁ କେତେ ଚାଷୀଙ୍କର ଫସଲ ନଷ୍ଟ ହୋଇଛି ତାହାର ଆକଳନ କରିବେ। ଯାହାଫଳରେ ଚାଷୀଙ୍କୁ କ୍ଷୟକ୍ଷତି ପୂରଣ କରାଯାଇପାରିବ ବୋଲି କହିଥିଲେ। ଅନ୍ୟପଟେ ସେ କହିଥିଲେ ଯେ ଯଦି ୩୩ ପ୍ରତିଶତରୁ ଅଧିକା ଫସଲ ନଷ୍ଟ ହୁଏ ତେବେ ହିଁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ। କେବଳ ଧାନ ଚାଷ ହିଁ ନୁହେଁ ବହୁ ଚାଷି ଆଳୁ,ବାଦାମ ସହ ଡାଲି ଜାତୀୟ ଏବଂ ପନିପରିବା ଲଗାଇଛନ୍ତି। ଏହି ଅଦିନିଆ ବର୍ଷା ଏସବୁ ଫସଲକୁ ନଷ୍ଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଚାଷୀମାନେ କହିଛନ୍ତି। ତେଣୁ ବର୍ଷ ତମାମ ଯେଉଁ ଫସଲ ଉପରେ ସେମାନେ ନିର୍ଭର କରିଥିଲେ,ତାହା ଆଖି ଆଗରେ ନଷ୍ଟ ହେବା ଦେଖି ଚାଷୀଙ୍କ ଆଖିରୁ ଲୁହ ଝରୁଥିବା କହିଥିଲେ।



# ଦେଶରେ ଶ୍ରେଷ୍ଠ ବ୍ଲକ ଛତ୍ରପୁର, ପୁରସ୍କୃତ କଲେ ରାଷ୍ଟ୍ରପତି

ଛତ୍ରପୁର,୧୪/୧୨ (ନି.ପ୍ର): କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଗଞ୍ଜାମ ଜିଲାର ଛତ୍ରପୁର ବ୍ଲକ ଦେଶରେ ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ବ୍ଲକ ଅଧକ୍ଷା କିରଣ କୁମାରୀ ଦାଶ ଏହି ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ସେହିପରି ୭ଟି ବର୍ଗରେ ଓଡ଼ିଶାକୁ ଜାତୀୟ ପୁରସ୍କାର ମିଳୁଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମର ତିନୋଟି ରହିଛି। ଦେଶର ଶ୍ରେଷ୍ଠ ବ୍ଲକ ଛତ୍ରପୁର ବିବେଚିତ ହେବା ସହ ୨କୋଟି ଟଙ୍କା ଅର୍ଥ ରାଶି ପାଇବ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକର କେଲୁଆପଲ୍ଲୀ ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଳ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ଭାବେ ଦ୍ୱିତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛି। ଉକ୍ତ ପଞ୍ଚାୟତକୁ ୭୫ ଲକ୍ଷ ମିଳିବ। ସେହିପରି ଆତ୍ମ୍ ନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ବ୍ଲକର ସାହାପୁର ପଞ୍ଚାୟତ ସାରା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଉକ୍ତ ପଞ୍ଚାୟତକୁ ମଧ ୭୫ ଲକ୍ଷ ମିଳିବ। ପୁରସ୍କାର ପ୍ରଦାନ ସମାରୋହରେ ଗଞ୍ଜାମ ଜିଲାପାଳ, ଛତ୍ରପୁର ବ୍ଲକ ଅଧକ୍ଷାଙ୍କ ସହିତ ଗଞ୍ଜାମ ଜିଲାପରିଷଦର ପ୍ରୋଗ୍ରାମ ମ୍ୟାନେଜର (ଟ୍ରେନିଂ )ବାଣୀ ସୁକାନ୍ତବେର୍ତ୍ତା ପଟ୍ଟନାୟକ, ଚମାଖଣ୍ଡି ସରପଞ୍ଚ ସିଏଚ୍ ?. ମନୋଜ ରେଡ୍ଡୀ ଓ ପିଇଓ ଦଣ୍ଡପାଣି ପ୍ରଧାନଙ୍କ ଅନ୍ୟାନ୍ୟ ସରପଞ୍ଚମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାର ସମସ୍ତ ପଞ୍ଚାୟତ ଓ ବ୍ଲକ ଆଗାମୀ ଦିନରେ ଆହୁରି ଉନ୍ନତରୁ ଉନ୍ନତ କାମ କରିବ। ଏହି ଶ୍ରେୟ ଗଞ୍ଜାମବାସୀ ଓ ସମସ୍ତ ଜନପ୍ରତିନିଧି, କର୍ମଚାରୀ ସେମାନଙ୍କ ଶ୍ରେୟ ପାଇଁ ଜିଲା ଆଜି ୩ଟି ପୁରସ୍କାର ଗ୍ରହଣ କରିଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ ଅଧକ୍ଷା କିରଣ କୁମାରୀ ଦାଶ ମଧ ଏହି ଶ୍ରେୟ ବ୍ଲକର ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ କର୍ମଚାରୀଙ୍କ ପ୍ରୟାସ ପାଇଁ ଆଜି ବ୍ଲକ ଦେଶରେ ଶ୍ରେଷ୍ଠ ବ୍ଲକ ହୋଇପାରିଛି ବୋଲି କହିଥିଲେ। ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୪ରେ ଦୀନଦୟାଳ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର, ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାର, ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର, ଅଙ୍ଗାରକାମ୍ଳ ମୁକ୍ତ ବିଶେଷ ପଞ୍ଚାୟତ ପୁରସ୍କାର ଏବଂ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ଅନୁଷ୍ଠାନ ପୁରସ୍କାର ଆଦି ବର୍ଗ ଅନ୍ତର୍ଭୁକ୍ତ। ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଜଳ ସଂରକ୍ଷଣ, ପରିମଳ, ଭିତ୍ତିଭୂମି, ସାମାଜିକ ନ୍ୟାୟ, ଶାସନ ଏବଂ ମହିଳା ସଶକ୍ତିକରଣ ପ୍ରମୁଖ କ୍ଷେତ୍ରରେ ସଫଳତା ଉଦ୍ଦେଶ୍ୟରେ ଦିଆଯାଇଥାଏ। ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ୧ ଲକ୍ଷ ୯୪ ହଜାର ପଞ୍ଚାୟତ ଅଂଶଗ୍ରହଣ କରିଥିଲେ। ଏହି ପୁରସ୍କାର ପ୍ରଦାନ ପ୍ରକ୍ରିୟା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ସହିତ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)/ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି) ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିବ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ